Weekly Multilingual
ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims
RNI Regd. No. :ODIMUL/2023/89182 Rs - 5.00
ଭାଗ:୨, ସଂଖ୍ୟା: ୨୬, ଭୁବନେଶ୍ୱର, ମଇ ୧୨-୧୮, ୨୦୨୫, Vol: 2, Issue: 26, Bhubaneswar, May 12- 18, 2025 Pages- 8

## କଚ୍ଛପ ଗତିରେ ପୁରୀ ରେଳ ଓଭରବ୍ରିଜ୍

# ସଂଲଗ୍ନ ରାସ୍ତା ପାଲଟିଛି ମରଣଯନ୍ତା

**ପୁରୀ (ଭିଓଭି ବ୍ୟୁରୋ):** ଦୀର୍ଘ ଦୁଇ ବର୍ଷ ଧରି ଚାଲିଛି ରେଳ ଓଭରବ୍ରିଜ୍ କାମ। ସରିଗଲାଣି କାର୍ଯ୍ୟାଦେଶରେ ଉଲ୍ଲେଖ ଥିବା କାର୍ଯ୍ୟଶେଷ କରିବାର ତାରିଖ। ମାତ୍ର ଏ ଯାଏ ପିଲାର ନିର୍ମାଣ କାର୍ଯ୍ୟ ସରିନି। ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ କରୁଥିବା ଠିକା ସଂସ୍ଥାର ମନମୁଖୀ କାର୍ଯ୍ୟ ଯୋଗୁଁ ନାହିଁ ନଥିବା ହୀନସ୍ତା ଭୋଗୁଛନ୍ତି ସାଧାରଣ ଲୋକ। ଓଭରବ୍ରିଜ୍ ସଂଲଗ୍ନ ରାସ୍ତାରେ କେଉଁଠି ଲୁହା ରଡ ଠାରୁ ଆରମ୍ଭ କରି ଖୋଳା ଯାଇଥିବା ମାଟି ଏଣେ ତେଣେ ପଡିଛି ତ କେଉଁଠି ଖାଲ ଖମାରେ ନଳା ପାଣି ସୃଷ୍ଟି କରୁଛି ଅପ୍ରିତିକର ପରିସ୍ଥିତି। ପ୍ରତ୍ୟେକ ଦିନ ଘଟୁଛି କିଛି ନା କିଛି ଦୁର୍ଘଟଣା। ଯେକୌଣସି ସରକାରୀ ନିର୍ମାଣ କାର୍ଯ୍ୟ ଚାଲିବା ପୂର୍ବରୁ ନିର୍ମାଣ ସ୍ଥଳରେ ସୂଚନା ଫଳକ ଲଗାଇବା ନିୟମ ଥିବା ବେଳେ, ଓଭରବ୍ରିଜ୍ ନିର୍ମାଣ ପାଇଁ ମନ୍ତ୍ରୀ ଶୁଭ ଦେବା ଦିନ କେବଳ ଲାଗିଥିଲା ସୂଚନା ଫଳକ। ମାତ୍ର ତା' ପରେ ସେଠାରୁ ସୂଚନା ଫଳକଟି ଉଭାନ୍ ହୋଇ ଯାଇଛି।

ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳୁଛି ପୁରୀ ସହରର ଏକ ପ୍ରମୁଖ ବ୍ୟସ୍ତ ବହୁଳ ରାସ୍ତା ତଥା ପ୍ରବେଶ ପଥ ମାଟିଆପଡ଼ା ଠାରେ ନିର୍ମାଣାଧୀନ ରେଳ ଓଭରବ୍ରିଜ୍ ନିକଟରେ। ସଂପୃକ୍ତ ରେଳ ଓଭରବ୍ରିଜ୍ ପାଇଁ ଥିବା କାର୍ଯ୍ୟାଦେଶରେ କାର୍ଯ୍ୟ ଆରମ୍ଭ ତାରିଖ ୧୦ ଏପ୍ରିଲ ୨୦୨୩ ଏବଂ କାର୍ଯ୍ୟ ଶେଷ ତାରିଖ ୦୯ ଏପ୍ରିଲ ୨୦୨୫ ଉଲ୍ଲେଖ ଥିବା ବେଳେ ଉକ୍ତ କାର୍ଯ୍ୟକାଳ ସରି ଏବେ ୨୦୨୫ ମଇ ମାସର ପ୍ରଥମ ସପ୍ତାହ ସୁଧା ମାତ୍ର କେତୋଟି ପିଲାର କାର୍ଯ୍ୟ ଶେଷ ହୋଇଛି ଏବଂ ସହର ପଟୁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହେଉଛି। ସ୍ୱଳ୍ପ ସଂଖ୍ୟକ କର୍ମଚାରୀ ଏବଂ ଯନ୍ତ୍ରପାତି ସହାୟତାରେ ଧୀର ମନ୍ଥର ଗତିରେ ଚାଲିଛି ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ। ଓଭରବ୍ରିଜ୍ କାର୍ଯ୍ୟ ଚାଲିଥିବା ସମୟରେ ଜନସାଧାରଣଙ୍କ ନିମନ୍ତେ ସର୍ଭିସ୍ ରୋଡ ତିଆରି କରି ଯାତାୟତ ସୁବିଧା କରିବା ପାଇଁ ନିୟମ ଥିବା ବେଳେ ସଂପୃକ୍ତ ଠିକା ସଂସ୍ଥା ସମସ୍ତ ନିୟମକୁ ଫୁ କରି ଉଡାଇ ଦେଇଛନ୍ତି। ସର୍ଭିସ୍ ରୋଡ ତିଆରି ତ ଦୂରର କଥା ଯାତାୟତ ପାଇଁ ଥିବା ଉକ୍ତ ରାସ୍ତା ଟିକୁ ଖୋଳି ଖାଳି ଖାଲ ଖମା କରି ପକାଇଛନ୍ତି। ଗାଡି ମୋଟର ଯାତାୟତ ସମୟରେ ଧୂଳି ଉଡି ସ୍ଥାନୀୟ ବାସିନ୍ଦାଙ୍କ ସମେତ ସାଧାରଣ ଲୋକମାନେ ଅସ୍ତବ୍ୟସ୍ତ ହୋଇ ପଡୁଛନ୍ତି। ଧୂଳି ନ ଉଡିବା ପାଇଁ ଜଳ ସିଂଚନ କରାଯାଉନାହିଁ। ଖାଲ ଖମାରେ ପଡି ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟି ସ୍କୁଲ ପିଲାଙ୍କ ସମେତ କେହି ନା କେହି ଆହତ ହେଉଛନ୍ତି। ଓଭରବ୍ରିଜ୍ ପାଇଁ ରାସ୍ତା ଚଉଡା ହେବା ପରେ ନିର୍ମାଣ କରାଯାଇଥିବା ନଳା ର ପାଣିକୁ ସେମିତି ରାସ୍ତା ଉପରକୁ ଖୋଲାରେ ଛାଡି ଦିଆ ଯିବା ଫଳରେ ରାସ୍ତାରେ ନଳା ପାଣିର କୃତ୍ରିମ ହ୍ରଦ ତିଆରି ହୋଇ ଅପ୍ରିତିକର ପରିସ୍ଥିତି ସୃଷ୍ଟି କରୁଛି।





- ବିନା ସୂଚନା ଫଳକରେ ଧୀର ମନ୍ଥର ଗତିରେ ଚାଲିଛି ରେଳ ଓଭରବ୍ରିଜ୍ କାମ
- ଓଭରବ୍ରିଜ୍ ସଂଲଗ୍ନ ରାସ୍ତା ଖାଲ ଖମାରେ ପଡି ଘଟୁଛି ଦୁର୍ଘଟଣା
- ରାସ୍ତାରେ ଭାସୁଛି ନଳା ପାଣି
- ସାଧାରଣ ଲୋକଙ୍କର ଯାତାୟତ ଅସୁବିଧା ପ୍ରତି ନିଘା ନାହିଁ ସଂପୃକ୍ତ ଠିକା ସଂସ୍ଥାଙ୍କର
- କାର୍ଯ୍ୟ ଶେଷ ହେବା ମିଆଦ ପୂରିବା ପରେ ବି ସରିନି ଖୁଂଟ ନିର୍ମାଣ କାର୍ଯ୍ୟ

ପ୍ରକାଶ ଥାଉ କି, ଉକ୍ତ ରାସ୍ତାଟି ପୁରୀ ସହରର ଅତ୍ୟନ୍ତ ବ୍ୟସ୍ତ ବହୁଳ ରାସ୍ତା ଅଟେ। ଉକ୍ତ ରାସ୍ତା ଦେଇ ପଥଚାରୀ, ମହିଳା, ବୃଦ୍ଧା, ବୃଦ୍ଧ, ସ୍କୁଲ କଲେଜ ପିଲା, ପର୍ଯ୍ୟଟକ ଏବଂ ସ୍ଥାନୀୟ ଲୋକଙ୍କ ସମେତ ପ୍ରତ୍ୟେକ ଦିନ କୋଣାର୍କ ପଟୁ ପୁରୀ ସହର ମଧ୍ୟକୁ ହଜାର ହଜାର ଗାଡ଼ି ମୋଟର ଯିବା ଆସିବା କରିଥାଏ। ଗୁଣ୍ଡିଚା ମନ୍ଦିର ଠାରୁ ବାଲିଘାଟ ପର୍ଯ୍ୟନ୍ତ ଉକ୍ତ ରାସ୍ତାଟି ଖାଲ ଖମାରେ ଭର୍ତି ହୋଇଥିବାରୁ ସେହି ରାସ୍ତା ଦେଇ ଅଟୋ ରିକ୍ସା ତଥା ଗାଡ଼ି ମୋଟର ଯିବା ଆସିବା କରିବା ଅତ୍ୟନ୍ତ ବିପଦପୂର୍ଣ୍ଣ ହୋଇ ପଡ଼ିଛି ଏବଂ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଆଉ ଅଳ୍ପ ଦିନ ବାକି ରହିଥିବା ବେଳେ ପୁରୀ ସହର ମୁଖ୍ୟ ପ୍ରବେଶ ପଥର ଏପରି ଦୂରାବସ୍ଥା ବୁଦ୍ଧିଜିବୀ ମହଲରେ ଚିନ୍ତାର କାରଣ ପାଲଟିଛି। ଏଥିପ୍ରତି କର୍ତୃପକ୍ଷ ଦୃଷ୍ଟି ଦେବାକୁ ସଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଉଛି।





# ପାଞ୍ଚଟି ନିୟମ ମାନି ତୁଳସୀ ମାଳା ପିନ୍ଧନ୍ତୁ

ସନାତନ ଧର୍ମରେ ତୁଳସୀକୁ ପବିତ୍ର ବୃକ୍ଷ ଭାବେ ବିବେଚିତ କରାଯାଇଛି । ଏହାକୁ ଘରେ ଲଗାଇଲେ ନକାରାତ୍ମକ ଶକ୍ତି ଦୂରେଇଥାଏ । ଘର ଏବଂ ଆଖପାଖର ବାତାବରଣ ସକାରାତ୍ମକ ଉର୍ଜ୍ଜା ସଞ୍ଚାର ହୋଇଥାଏ । ତୁଳସୀ ମାଳା ଧାରଣ



କଲେ ଆଧାତ୍ମିକତାର ବିକାଶ ହେବା ସହ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଲାଭ ମିଳିଥାଏ । ଏହା ସହ ଶ୍ରୀ ହରି ବିଷ୍ଣୁଙ୍କ କୃପା ଲାଭ ହେବା ସହ ସୌଭାଗ୍ୟ ବୃଦ୍ଧି ହୋଇଥାଏ । ଅଧିକାଂଶ ବ୍ୟକ୍ତି ତୁଳସୀ ମାଳା ଧାରଣ କରିଥାନ୍ତି । କିନ୍ତୁ ଶାସ୍ତ୍ର ଅନୁଯାୟୀ ଏହାକୁ ଧାରଣ କରିବାର କିଛି ନିୟମ ରହିଛି । ତେବେ ଆସନ୍ତୁ ଜାଣିବା ଏ ବିଷୟରେ ।

◆ ଅଧିକାଂଶ ବ୍ୟକ୍ତି ଗଳାରେ ତୁଳସୀ ମାଳା ପିନ୍ଧିଥାନ୍ତି । କିନ୍ତୁ ଏଥିରେ ସମସ୍ୟା ହେଲେ ଡାହାଣ ହାତରେ ଧାରଣ କରିପାରନ୍ତି। ତେବେ ନିତ୍ୟକର୍ମ(ଶୌଚ) ପୂର୍ବରୁ ଏହାକୁ ବାହାର କରିଦିଅନ୍ତୁ ।

◆ ତୁଳସୀ ମାଳା ଥରେ ଧାରଣ କଲେ ଏହାକୁ ବାରମ୍ବାର ଓହ୍ଲାନ୍ତୁ ନାହିଁ । ତୁଳସୀ ମାଳା ଧାରଣ କରିବା ପୂର୍ବରୁ ଏହାକୁ ଗଙ୍ଗା ଜଳରେ ଭଲ ଭାବରେ ଧୋଇ ଦିଅନ୍ତୁ ଏବଂ ଶୁଖିଗଲା ପରେ ବ୍ୟବହାର କରନ୍ତୁ ।

◆ ତୁଳସୀ ମାଳା ଧାରଣ କରିବା ପରେ ସାତ୍ୱିକ ଭୋଜନ ଗ୍ରହଣ କରିବା ଉଚିତ । ପିଆଜ, ରସୁଣ, ମଦ, ମାଂସ ଇତ୍ୟାଦି ସେବନ କରିବା ଠାରୁ ଦୂରେଇ ରହିବା ଉଚିତ ।

◆ ତଳସୀ ମାଳା ଧାରଣ କରିବା ପରେ ନିୟମିତ ବିଷ୍ଣୁ ମନ୍ତ୍ର ଜପ କରନ୍ତୁ । ଏହା ସହ ରୁଦ୍ରାକ୍ଷ ମନ୍ତ୍ର ଜପ କରିବା ପାଇଁ ପରାମର୍ଶ ଦିଆଯାଇଥାଏ ।

# ବାର୍-ଟେଲ୍ଡ୍ ଗଡଓ୍ୱିଟ

(Bar-tailed Godwit)

ବିନା ରହଣିରେ ୧୩୫୬୦ କିଲୋମିଟର ନିରନ୍ତର ଉଡାଣ ଭରିବାର



ଅଦ୍ଭୁତ କ୍ଷମତା, ଏକ କ୍ଷୁଦ୍ର ପକ୍ଷୀ ପାଖରେ ରହିଛି । ଉଡନ୍ତା ଅବସ୍ଥାରେ,ଫାଇଟର ଜେଟ ଭଳି ଦେଖିବାକୁ ଅତ୍ୟନ୍ତ ଆକର୍ଷଣୀୟ ଏହି ପକ୍ଷୀଟିର ନାମ - Bar tailed Godwit - ( Mimosa Lapponica) । ୫ ଜି ସେଟଲାଇଟ ଟ୍ୟାଗ ( ୨୩୪୬୮୪ ) ସଂଯୁକ୍ତ ଥାଇ ଚଢେଇଟି ୧୩-୧୦-୨୨ରେ ଆଲାସ୍କା ଠାରୁ ଅଷ୍ଟ୍ରେଲିଆର ତାସମାନିଆ ଅଞ୍ଚଳ ଅଭିମୁଖେ

## ଜୀବଜଗତ

ଉଡିଥିଲା ।

ବିନା ଖାଦ୍ୟ ଓ ରହଣିରେ, ଚଢେଇଟି ଠିକ ୧୧ ଦିନ ୧ ଘଣ୍ଟା ବ୍ୟବଧାନରେ ୧୩୫୬୦ କଲୋମିଟର ଅତିକ୍ରମ କରି ଗିନିସ ବୁକ ଅଫ ଓ୍ୱାର୍ଲ୍ଡ ରେକର୍ଡରେ



କାର୍ତ୍ତିକ ଚନ୍ଦ୍ର ପଣ୍ଡା

ସ୍ଥାନ ପାଇଥିଲା । ପୂର୍ବରୁ ଏହି ରେକର୍ଡ ଅନ୍ୟ ଏକ ଏକ୍ସୟଙ୍ଗସ୍ୱ ପକ୍ଷୀ ପାଖରେ ଥିଲା ଯିଏକି ୧୧ ଦିନ ଉଡି ଆଲାସ୍କାରୁ ନ୍ୟୁଜିଲ୍ୟାଣ୍ଡ ପହଞ୍ଚିଥିଲା । ବିନା ରହଣିରେ ୨୬୫ ଘଣ୍ଟା ଦୂର ପ୍ରବାସ ଯାତ୍ରା କରିବାର ରେକର୍ଡ ଏକ୍ସୟଙ୍ଗସ୍ୱ ପକ୍ଷୀର ଏଯାବତ ଅକ୍ଷୁଣ୍ଣ ରହିଛି ।

ଭୁବନେଶ୍ୱର
ମୋବାଇଲ୍ - ୭୯୭୮୪୨୦୪୯୩

# କପାଳ ରେଖାରୁ ଜଣାପଡ଼େ ଆୟୁଷ

ମସ୍ତକ ବା କପାଳ ରେଖାର ଆଧାର ଉପରେ ଯେକୌଣସି ଲୋକର ବୟସ କେତେ ଅନ୍ଦାଜା ଲଗାଯାଇପାରେ। ମସ୍ତକ ରେଖାରୁ ଜଣାଯାଏଯେ ବ୍ୟକ୍ତି କେତେ ବର୍ଷ ବଞ୍ଚିବ ବା ନୁହେଁ। ତେଣୁ ଯେକୌଣସି ବ୍ୟକ୍ତିର କପାଳ ବା ମଥାର ସ୍ଥିତି , ଆକାର ପ୍ରକାର, ରଙ୍ଗ ତଥା ଚିକ୍କଣତାକୁ ବିଶେଷ ଧ୍ୟାନ ଦେବା ଉଚିତ। ଆପଣ ଦର୍ପଣରେ ନିଜର ମସ୍ତକକୁ ଦେଖି ସନ୍ଧାନ ଲଗାଇ ପାରିବେ ଆପଣଙ୍କର ଆୟୁଷ କେତେ ବୋଲି।

ଯେଉଁ ଲୋକର ମଥାରେ ଦୁଇଟି ପୂର୍ଣ୍ଣ ରେଖାଥାଏ, ତାହାଙ୍କର ଆୟୁଷ ପ୍ରାୟ ୬୦ ବର୍ଷ ହୋଇଥାଏ। ଏହି ରେଖା ଯଦି ସ୍ୱଷ୍ଟ ଏହି ଲୋକ ଜୀବନରେ ବହୁତ ଧନ ଓ ନାମ କମାଇଥାଏ। ରେଖା ଯଦି କଟିଥାଏ, ତେବେ ଲୋକ ଜୀବନରେ ଅନେକ ଦୁଃଖ



ଲାଭ କରେ। ମସ୍ତକରେ ତିନି ଗୋଟି ଶୁଭରେଖା ଥାଏତ ବ୍ୟକ୍ତି ୭୫ ବର୍ଷ ଆୟୁ ଲାଭ କରେ।

ମସ୍ତକରେ ୫ଟି ଉତ୍ତମ ରେଖା ଥିଲେ, ଏଭଳି ସ୍ଥିତିରେ ଆୟୁଷ ୧୦୦ ବର୍ଷ ହୋଇଥାଏ। କିନ୍ତୁ ମସ୍ତକରେ ଯଦି କୌଣସି ରେଖା ନଥାଏ, ତେବେ ବ୍ୟକ୍ତିକୁ ୨୫ରୁ ୪୦ ବର୍ଷ ବୟସରେ ଅନେକ ସମସ୍ୟା ଭୋଗିବାକୁ ହୋଇଥାଏ।

# କାଠର କାରୁକାର୍ଯ୍ୟରେ ପରିପୂର୍ଣ୍ଣ ମମଲେଶ୍ୱର ମନ୍ଦିର

ମମଲେଶ୍ୱର ମନ୍ଦିରର ସବୁଠାରୁ ବଡ଼ ଆକର୍ଷଣ ହେଉଛି ଏହାର ପୌରାଣିକ କାହାଣୀ, ଯାହା ଭଗବାନ ଗଣେଶଙ୍କ ଜନ୍ମ ଓ ତାଙ୍କର ହାତୀ ମୁଣ୍ଡ ପ୍ରାପ୍ତି ସହ ଜଡ଼ିତ। ହିନ୍ଦୁ ପୁରାଣ ଅନୁଯାୟୀ, ଏହି ମନ୍ଦିର ସେହି ସ୍ଥାନ ଯେଉଁଠାରେ ଦେବୀ ପାର୍ବତୀ ନିଜ ଶରୀରରୁ ହଳଦୀ ବ୍ୟବହାର କରି ଗଣେଶଙ୍କୁ ସୃଷ୍ଟି କରିଥିଲେ। ସେ ଗଣେଶଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ସେ ସ୍ନାନ କରୁଥିବା ସମୟରେ ମନ୍ଦିରର ଦ୍ୱାରରେ ପ୍ରହରୀ ଦେବେ ଏବଂ କାହାକୁ ଭିତରକୁ ପ୍ରବେଶ କରିବାକୁ ଦେବେ ନାହିଁ। ଯେତେବେଳେ ଭଗବାନ ଶିବ ଫେରି ଆସିଥିଲେ, ଗଣେଶ ତାଙ୍କୁ ପ୍ରବେଶ କରିବାକୁ ଅନୁମତି ଦେଇ ନଥିଲେ। କ୍ରୋଧିତ ହୋଇ ଶିବ ଗଣେଶଙ୍କ ମୁଣ୍ଡ କାଟି ଦେଇଥିଲେ, କିନ୍ତୁ ପରେ ପାର୍ବତୀଙ୍କ ଅନୁରୋଧରେ ତାଙ୍କୁ ହାତୀର ମୁଣ୍ଡ ଲଗାଇ ପୁନର୍ଜନ୍ମ ଦେଇଥିଲେ। ଏହି ଘଟଣା ମମଲେଶ୍ୱର ମନ୍ଦିର ସହ ଜଡ଼ିତ ବୋଲି ବିଶ୍ୱାସ କରାଯାଏ। ମନ୍ଦିରର ନାମ "ମମ ମଲ" ମଧ୍ୟ ଏହି କାହାଣୀରୁ ଉତ୍ପନ୍ନ ହୋଇଛି, ଯାହା ଗଣେଶଙ୍କ ନିର୍ଦ୍ଦେଶକୁ ସୂଚାଏ। ମମଲେଶ୍ୱର ମନ୍ଦିର ପ୍ରାୟ ୧,୬୦୦ ବର୍ଷ



ପୁରୁଣା, ଅର୍ଥାତ୍ ଖ୍ରୀଷ୍ଟପୂର୍ବ ୪୦୦ ଶତାବ୍ଦୀରୁ ଏହାର ଅସ୍ତିତ୍ୱ ରହିଛି। କାଶ୍ମୀରର ରାଜତରଙ୍ଗିଣୀରେ ଉଲ୍ଲେଖ ଅନୁଯାୟୀ, ୧୨ମ ଶତାବ୍ଦୀରେ ରାଜା ଜୟସିଂହ ଏହି ମନ୍ଦିରର ପୁନଃନିର୍ମାଣ କରିଥିଲେ ଏବଂ ଏହାର ଶୀର୍ଷରେ ସୁନାର କଳସ ଲଗାଇଥିଲେ। ମନ୍ଦିରର ସ୍ଥାପତ୍ୟ କାଶ୍ମୀରୀ ଶୈଳୀରେ ନିର୍ମିତ, ଯେଉଁଥିରେ କାଠର ଖୋଦିତ କାରୁକାର୍ଯ୍ୟ ଏବଂ ଜଟିଳ ଡିଜାଇନ ଦେଖିବାକୁ ମିଳେ। ଶିବ ଲିଙ୍ଗ ଓ ଆଧାତ୍ମିକ ଶକ୍ତି: ମନ୍ଦିରର ମୁଖ୍ୟ ଗର୍ଭଗୃହରେ ଏକ ଶିବ ଲିଙ୍ଗ ଅଛି, ଯାହା ସ୍ୱାଭାବିକ ଭାବେ ଉତ୍ପନ୍ନ ହୋଇଥିବା ବିଶ୍ୱାସ କରାଯାଏ। ଭକ୍ତମାନେ ଏହି ଲିଙ୍ଗକୁ ଦୁଧ, ଜଳ ଓ ମହୁ ଅର୍ପଣ କରି ପୂଜା କରନ୍ତି।

# ପଣସ ଅଟାରୁ ପ୍ରସ୍ତୁତ ରୁଟି ମଧୁମେହ ରୋଗୀଙ୍କ ପାଇଁ ଉପକାରୀ

ଭାରତକୁ ଡାଇବେଟିସର ରାଜଧାନୀ ଆଖ୍ୟା ମିଳିଥିବା ବେଳେ ଏବେ ଏଠାରୁ ପ୍ରସ୍ତୁତ ଏକ ଖାଦ୍ୟ ଡାଇବେଟିସ୍ ରୋଗୀଙ୍କ ପାଇଁ ଫଳପ୍ରଦ ହୋଇଥିବା ପ୍ରମାଣିତ ହୋଇଛି। ଆମେରିକାରେ ହୋଇଥିବା ଏକ ଗବେଷଣାରୁ ଏହା ଜଣାପଡ଼ିଛି।

ପଣସ ଆମ ଦେଶର ପ୍ରାୟ ସବୁ ସ୍ଥାନରେ ଉପଲବ୍ଧ ହୋଇଥାଏ। ଏହାକୁ କିଏ ପାଚିଲା ଖାଏ ତ କିଏ କଞ୍ଚା ଖାଇବାକୁ ଭଲ ପାଏ। କିନ୍ତୁ କେବେ ଆପଣ ପଣସରୁ ଅଟା ପ୍ରସ୍ତୁତ କରି ଖାଇବା କଥା ଭାବିଛନ୍ତି। କେବଳ ଏଥିରୁ ପ୍ରସ୍ତୁତ ଅଟାରୁ ରୁଟି ନୁହେଁ, ଏହାର ପାଉଡ଼ରରୁ ଇଡ଼ିଲି ଓ ଦୋସା ମଧ୍ୟ ପ୍ରସ୍ତୁତ କରି ଖାଇପାରିବେ। ଆଉ ଏହା ଡାଇବେଟିସ୍ ରୋଗୀଙ୍କ ପାଇଁ ଖୁବ୍ ଲାଭଦାୟକ ସାବ୍ୟସ୍ତ ହେଉଥିବା ଆମେରିକାରେ ହୋଇଥିବା ଗବେଷଣାରୁ ଜଣାପଡ଼ିଛି।

ଭାରତରେ ଜେମସ୍ ? ଜୋସେଫ ନାମକ ବ୍ୟକ୍ତି ପଣସରୁ ଅଟା ପ୍ରସ୍ତୁତ କରି ଏହାକୁ 'ଔବମଳଲକ୍ସଙ୍କସସ୍ୱ୩୬୫' ନାମକରଣ କରିଛନ୍ତି। ଏହି ଅଟାରେ ଥିବା ମଧୁମେହ ନିୟନ୍ତ୍ରଣ ଗୁଣବତ୍ତାକୁ ଇଙ୍କରକ୍ସସମବଭ ଉସବଭରସ୍ୱରସ୍ୱ ଙ୍କ୍ସଶବଭସସ୍ୱବସ୍ୱସକ୍ଟଭ (ଇଉଇ) ସ୍ୱୀକୃତି ଦେଇଛି।

ଭାରତୀୟ ପଣସର ଅଟା ଶରୀରରେ ବ୍ଲଡ୍ ସୁଗର୍ ମାତ୍ରାକୁ ନିୟନ୍ତ୍ରଣରେ ରଖିବାରେ ବହୁ ଉପାଦେୟ ବୋଲି ଆମେରିକାରେ ପ୍ରମାଣିତ ହୋଇସାରିଛି । କଞ୍ଚା ପଣସକୁ ଶୁଖାଇ ଏହାକୁ



ଗୁଣ୍ଡ କରି ଅଟା ପ୍ରସ୍ତୁତ କରାଯାଏ । ଏହା ମିଠା ଲାଗେ ନି କି ପାଚିଲା ପଣସ ଭଳି ଏହାର ବାସ୍ନା ବି ହୁଏ ନାହିଁ । ଏଥିରୁ ଦୈନିକ ରୁଟି, ଇଡଲି ବା ଦୋସା ତିଆରି କରି ଖାଇବା ଡାଇବେଟିସ୍ ରୋଗୀଙ୍କ ପାଇଁ ଖୁବ୍ ଭଲ ବୋଲି ଗବେଷଣାରୁ ଜାଣିବାକୁ ମିଳିଛି।

ଟାଇପ୍-ଟୁ ଡାଇବେଟିସ୍ ଥିବା ବ୍ୟକ୍ତିଙ୍କଠାରେ କ୍ଲିନିକାଲ୍ ଟ୍ରାଏଲ୍ ?ରୁ ଏହା ପ୍ରମାଣିତ ହୋଇଥିବା ଆମେରିକାନ୍ ଡାଇବେଟିସ୍ ଅର୍ଗାନାଇଜେସନ୍ ପକ୍ଷରୁ ଏହାର ଜର୍ନାଲରେ ଉଲ୍ଲେଖ କରାଯାଇଛି । ଏଥିନିମନ୍ତେ ହୋଇଥିବା ଗବେଷଣାରେ ଟାଇପ-୨ ଡାଇବେଟିସରେ ପୀଡ଼ିତ ୧୬ ମହିଳାଙ୍କ ସମେତ ୪୦ ଜଣ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨୦ ଜଣଙ୍କୁ ୩୦ ଗ୍ରାମ୍ ସାଧାରଣ ଅଟାରୁ ପ୍ରସ୍ତୁତ ରୁଟି ଦିଆଯାଇଥିଲା। ଅବଶିଷ୍ଟ ୨୦ ଜଣଙ୍କୁ ସମାନ ପରିମାଣର ପଣସ ଅଟାରୁ ପ୍ରସ୍ତୁତ ରୁଟି ପ୍ରତିଦିନ ଖାଇବାକୁ ଦିଆଯାଇଥିଲା । ଅନ୍ୟ ଖାଦ୍ୟ ସହ ସେମାନେ ଏହାକୁ ୩ ମାସ ପର୍ଯ୍ୟନ୍ତ ଖାଇଥିଲେ।

# ମା' ତାରାତାରିଣୀଙ୍କ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ: ପୀଠର ଭିତ୍ତିଭୂମି ବିକାଶ ପାଇଁ ୩୦ କୋଟି ଘୋଷଣା

ପୁରୁଷୋତ୍ତମପୁର (ଭିଓଭି): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ମା' ତାରାତାରିଣୀଙ୍କ ଦର୍ଶନ କରିଛନ୍ତି। ମା'ଙ୍କ ନିକଟରେ ଦୀପ ଜାଳି ପୂଜାର୍ଚ୍ଚନା କରିବା ସହ ଓଡ଼ିଶାର ସାମାଜିକ ଓ ଅର୍ଥନୈତିକ ବିକାଶ ଏବଂ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ପ୍ରାର୍ଥନା କରିଥିଲେ। ମନ୍ଦିରରେ ଏକ ଘଣ୍ଟା ବିତାଇବା ସହ ବିଭିନ୍ନ ଉନ୍ନୟନମୂଳକ କାମର ତଦାରଖ କରିଥିଲେ। ସେହିପରି ମନ୍ଦିରର ସମସ୍ତ ରୀତିନୀତି ସଂପର୍କରେ ସେବାୟତଙ୍କ ସହ ଆଲୋଚନା କରିଥିଲେ। ଭାରତର ଏହି ପ୍ରମୁଖ ଶକ୍ତିପୀଠର ବିକାଶ ପାଇଁ ରାଜ୍ୟ ସରକାର ପ୍ରୟାସ ଜାରି ରଖିଛନ୍ତି। ଭକ୍ତ ଓ ଯାତ୍ରୀମାନଙ୍କୁ ଆବଶ୍ୟକ ସୁବିଧାସୁଯୋଗ ଯୋଗାଇଦେବା ଏବଂ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଅନୁଭବ ଉପଲବ୍ଧ କରାଇବାର ମହତ ଉଦ୍ଦେଶ୍ୟ ନେଇ ୩୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସିଂହଦ୍ୱାର



ସାମନାରେ ବହୁତଳ ବିଶିଷ୍ଟ ଧର୍ମଶାଳା ଓ ବଣଭୋଜିସ୍ଥଳ ନିର୍ମାଣ ହେବ। ସେହିପରି ରାସ୍ତାଘାଟର ଉନ୍ନତୀକରଣ କରାଯିବ।
ନବନିର୍ମିତ ପୋଲ ଠାରୁ ମୁଖ୍ୟରାସ୍ତା ଓ ଘାଟରୋଡ୍ ପାର୍ଶ୍ୱରେ ସୁରକ୍ଷା ପାଚେରି, ଆଲୋକୀକରଣ, ସାଇନ୍‌ବୋର୍ଡ, ମନ୍ଦିର ଚାରିପାଖରେ ୫ଟି ଗୁମୁଟ, ମନ୍ଦିର ଉତ୍ତରପାର୍ଶ୍ୱର ଉନ୍ନତୀକରଣ ଓ ଋଷିକୁଲ୍ୟା ନଦୀପଠାରେ ହେବାକୁ ଥିବା ଅନ୍ୟାନ୍ୟ ଉନ୍ନତୀକରଣ କାର୍ଯ୍ୟ ପାଇଁ ୨୫ କୋଟି ଟଙ୍କା ବ୍ୟୟ ହେବ। ଏହାସହ ମନ୍ଦିର ସମେତ ଅନ୍ୟାନ୍ୟ କୋଠାବାଡ଼ିର ରକ୍ଷଣାବେକ୍ଷଣ ନିମନ୍ତେ ୫ କୋଟି ଟଙ୍କା ସ୍ଥାୟୀଜମା ଆକାରରେ ରଖାଯିବ। ସେହିପରି ରାଜ୍ୟ ସରକାର ପୀଠର ଭିତ୍ତିଭୂମି ବିକାଶ ନିମନ୍ତେ ପୂର୍ବରୁ ୮ କୋଟି ଟଙ୍କା ଦେଇଛନ୍ତି। ଏଥିରେ ସୁରକ୍ଷା ଓ ପରିମଳ ବ୍ୟବସ୍ଥା, ଗୋଟିଏ ସ୍ୱୟଂଚାଳିତ ରନ୍ଧାଯନ୍ତ୍ର ପ୍ରତିଷ୍ଠା (ପାହାଡ଼ ଉପରେ), ୯୯୯ ପଥର ପାହାଚର ମରାମତି ଓ ପୁନଃନିର୍ମାଣ, ଯାନବାହାନ ରହଣିସ୍ଥଳ ଓ ହେଲିପ୍ୟାଡ୍ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ଦିଗରେ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନା ଥାଉକି, ମା' ତାରାତାରିଣୀ ପୀଠର ଭିତ୍ତିଭୂମି ବିକାଶ ପାଇଁ ସମୁଦାୟ ୬୮ କୋଟି ଟଙ୍କା ମଞ୍ଜୁର ହୋଇଛି। ରାଜ୍ୟ ବାଣିଜ୍ୟ, ପରିବହନ, ଇସ୍ପାତ ଓ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଆସିକା ସାଂସଦ ଅନୀତା ଶୁଭଦର୍ଶିନୀ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଖଲ୍ଲିକୋଟ ବିଧାୟକ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ। ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ପଣ୍ଡା ଏବଂ ଅନ୍ୟମାନେ ମୁଖ୍ୟମନ୍ତ୍ରୀଙ୍କୁ ନରସିଂହପୁରସ୍ଥିତ ଅସ୍ଥାୟୀ ହେଲିପ୍ୟାଡ୍‌ରୁ ପାଛୋଟି ନେଇଥିଲେ। ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ଶୁଭେନ୍ଦୁ ପାତ୍ର, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ପୁରୁଷୋତ୍ତମପୁର ବିଡିଓ ଶରତ କୁମାର ପାତ୍ର, ପୁରୁଷୋତ୍ତମପୁର ତହସିଲଦାର ବିନୋଦ କୁମାର ବେହେରା, ପୁରୁଷୋତ୍ତମପୁର ଏସ୍‌ଡିପିଓ ଡ.ଦୀପକ କୁମାର ମିଶ୍ର ଓ ପୁରୁଷୋତ୍ତମପୁର ଥାନାଧିକାରୀ ରାଜେଶ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜୁ ବାବୁଙ୍କୁ ସମ୍ମାନିତ କଲା ରୁଷ



ଭୁବନେଶ୍ୱର (ଭିଓଭି): ପ୍ରବାଦ ପୁରୁଷ ବିଜୁବାବୁଙ୍କୁ ପୁଣି ସମ୍ମାନୀତ । ବିଜୁ ବାବୁଙ୍କୁ ସମ୍ମାନିତ କଲା ରୁଷ । ଋଷ ସରକାରଙ୍କୁ କୃତଜ୍ଞତା ଜଣାଇଲେ ନବୀନ ପଟ୍ଟନାୟକ । ନୂଆ ଦିଲ୍ଲୀ ରୁଷ ଦୁତାବାସରେ ଏକ ସ୍ୱତନ୍ତ୍ର ଫଳକ ଉନ୍ମୋଚିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ପୂର୍ବରୁ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ରୁଷର ରାଷ୍ଟ୍ରଦୂତ ଡାନିସ୍ ଆଲିପୋଭ ନବୀନ ପଟ୍ଟନାୟକଙ୍କୁ ସ୍ୱତନ୍ତ୍ର ଭାବରେ ନିମନ୍ତ୍ରଣ କରିଥିଲେ। ଏହି ନିମନ୍ତ୍ରଣ ରକ୍ଷା କରି କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ନବୀନ ପଟ୍ଟନାୟକ ଦିଲ୍ଲୀ ଯାଇଛନ୍ତି । ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ନାଜିବାଦ ବିରୁଦ୍ଧରେ ରୁଷିଆର ବିଜୟ ଉତ୍ସବର ୮୦ ତମ ବାର୍ଷିକୀକୁ ଆଜି ମଇ ୯ ତାରିଖରେ ପାଳନ କରାଯାଇଛି। ଏହି ଅବସରରେ ଆଜି ଦିଲ୍ଲୀସ୍ଥିତ ରୁଷିଆ ଦୂତାବାସରେ ଏକ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇଛି । ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସମୟରେ ଅସୀମ ସାହସିକତା ପ୍ରଦର୍ଶନ କରି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଷ୍ଟାଲିନ ଗ୍ରାଡ୍ ଅଭିଯାନରେ ସାମିଲ ହୋଇ ଲାଲ ବାହିନୀକୁ ଅସ୍ତ୍ରଶସ୍ତ୍ର ଯୋଗାଇ ବିଜୟ ପଥ ସୁଗମ କରିଥିଲେ । ବିଜୁବାବୁଙ୍କ ଏହି ମହାନ ଅବଦାନକୁ ସମ୍ମାନ ଜଣାଇ ଆଜି ନୂଆ ଦିଲ୍ଲୀ ରୁଷ ଦୁତାବାସରେ ଏକ ସ୍ୱତନ୍ତ୍ର ଫଳକ ଉନ୍ମୋଚିତ କାର୍ଯ୍ୟକ୍ରମ ରହିଛି ।

# ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତି ପାଇଁ ଓଡ଼ିଶା ସମ୍ପୂର୍ଣ୍ଣ ପ୍ରସ୍ତୁତ: ଖାଦ୍ୟ ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର (ଭିଓଭି): ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତି ପାଇଁ ଓଡ଼ିଶା ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି। ଆମ ରାଜ୍ୟ ସବୁ ପ୍ରକାର ସ୍ଥିତି ପାଇଁ ପ୍ରସ୍ତୁତ ଅଛି। ଡାଲି, ଚାଉଳ, ତେଲ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ଯଥେଷ୍ଟ ପରିମାଣରେ ଗଚ୍ଛିତ ଅଛି ବୋଲି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ପ୍ରଦାନ କରିଛନ୍ତି। ସେ କହିଛନ୍ତି, କୌଣସି ପ୍ରକାର କଳାବଜାରୀକୁ ପ୍ରଶ୍ରୟ ଦିଆଯିବ ନାହିଁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଅପେରସନ ସିନ୍ଦୂରରେ ସୀମିତ ରହିବନି ଆହ୍ୱାନ । ଆଗକୁ ଆହୁରି ବଡ କାର୍ଯ୍ୟାନୁଷ୍ଠାନ ନିଆଯିବ । ତେଣୁ ଅତ୍ୟାବଶ୍ୟକ ସାମଗ୍ରୀ ନେଇ ସରକାର ବଜାର ଉପରେ କଡ଼ା ନଜର ରଖିଛନ୍ତି। ରବି ଧାନ ପାଇଁ



ପଞ୍ଜୀକରଣ ସରିଛି । ଏଥର ଆମେ ୨୦ଟି ଜିଲ୍ଲାକୁ ହାତକୁ ନେଇଛୁ । ଆଗରୁ ୧୭ ଜିଲ୍ଲାରେ ପଞ୍ଜୀକରଣ ହେଉଥିଲା । ପଞ୍ଜୀକରଣ ପରେ ସାଟେଲାଇଟ ସର୍ଭେ କରାଯିବ। ଏହାପରେ ସପ୍ତାହେ ଭିତରେ ଧାନ କିଣା ପ୍ରକ୍ରିୟା ଆରମ୍ଭ ହେବ। ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ଯିବ। ମଣ୍ଡି ଦାୟିତ୍ୱରେ ନୋଡାଲ ଅଫିସର ରହିବେ। ଏଥର ଆମର ଟାର୍ଗେଟ ୧୫ ଲକ୍ଷ ମେଟ୍ରିକ୍ ଟନ ରହିଛି । ପ୍ରଥମ ପର୍ଯ୍ୟାୟରେ ୧୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ରହିଛି। କଟନୀ ଛଟନୀ କରାଇ ଦିଆଯାଇନାହିଁ । ଅସାଧୁ ମିଲରମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଯୋଗାଣ ମନ୍ତ୍ରୀ ତାଗିଦ୍ କରିଛନ୍ତି। ଭୁବନେଶ୍ୱରରେ ସାଇନ୍ସ ସିଟି ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କର ଏହା ଲକ୍ଷ୍ୟ ରହିଛି । ସେଥି ଲାଗି ନିକଟରେ ଅହମ୍ମଦାବାଦରେ ଥିବା ସାଇନ୍ସ ସିଟି ଦେଖିବାକୁ ମୁଁ ଯାଇଥିଲି । ଆମ ରାଜ୍ୟ ଓଡ଼ିଶାରେ ସେଭଳି ସାଇନ୍ସ ସିଟି ପ୍ରତିଷ୍ଠା ହେବ। ସବୁ ଜିଲ୍ଲାରେ ସାଇନ୍ସ ପାର୍କ ମଧ୍ୟ ହେବ ବୋଲି ମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି।

# ଭୁବନେଶ୍ୱରରେ ହେବ ସାଇନ୍ସ ସିଟି: ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ

ଭୁବନେଶ୍ୱର (ଭିଓଭି): ଓଡ଼ିଶା ସରକାର ଭୁବନେଶ୍ୱରରେ ଏକ ଅତ୍ୟାଧୁନିକ ସାଇନ୍ସ ସିଟି ପ୍ରତିଷ୍ଠା କରିବାକୁ ଘୋଷଣା କରିଛନ୍ତି। ଏହି ଯୋଜନାର ଲକ୍ଷ୍ୟ ବୈଜ୍ଞାନିକ ବିକାଶକୁ ପ୍ରୋତ୍ସାହିତ କରିବା ଏବଂ ୨୦୩୬ ସୁଦ୍ଧା ଏକ ବିକଶିତ ଓଡ଼ିଶାର ବ୍ୟାପକ ଦୃଷ୍ଟିକୋଣକୁ ପ୍ରୋତ୍ସାହିତ କରିବା।ଗୁରୁବାର ଦିନ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏହି ଘୋଷଣା କରିଛନ୍ତି।ସେ କହିଛନ୍ତି ଯେ, ପ୍ରସ୍ତାବିତ ସାଇନ୍ସ ସିଟି ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାରେ ନବସୃଜନ, ଶିକ୍ଷଣ ଏବଂ ଜନସାଧାରଣଙ୍କ ସମ୍ପୃକ୍ତିର ଏକ କେନ୍ଦ୍ର ଭାବରେ କାର୍ଯ୍ୟ କରିବ। ସେ କହିଛନ୍ତି, ମୁଁ ସମ୍ପ୍ରତି ଗୁଜରାଟର ଅହମ୍ମଦାବାଦରେ ଥିବା ସାଇନ୍ସ ସିଟିର ଗଠନ ଏବଂ କାର୍ଯ୍ୟକାରିତା ଅଧ୍ୟୟନ କରିବା ପାଇଁ ପରିଦର୍ଶନ କରିଥିଲି। ଏହାର ମଡେଲରେ ଅନୁପ୍ରାଣିତ ହୋଇ ଏବଂ ମୁଖ୍ୟମନ୍ତ୍ରୀ ମାଝୀଙ୍କ ପରାମର୍ଶ ଅନୁସରଣ କରି, ଆମେ ଭୁବନେଶ୍ୱରରେ ସମାନ ସୁବିଧା ବିକଶିତ କରିବାକୁ ନିଷ୍ପତ୍ତି ନେଇଛୁ। ରାଜ୍ୟର ଅଭିବୃଦ୍ଧି ପାଇଁ ବୈଜ୍ଞାନିକ ବିକାଶ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଏହି ପଦକ୍ଷେପ ଆମର ବିକଶିତ ଓଡ଼ିଶା ୨୦୩୬ ଲକ୍ଷ୍ୟ ହାସଲ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ସେ କହିଛନ୍ତି ଯେ, ଅହମ୍ମଦାବାଦରେ ନିଯୁକ୍ତ ଅନେକ ଓଡ଼ିଆ ଅଧିକାରୀ ଏହି ପ୍ରକଳ୍ପକୁ ସମର୍ଥନ କରି ଏବଂ ପ୍ରସ୍ତାବିତ ସୁବିଧା ପାଇଁ ଜ୍ଞାନ ବଣ୍ଟନରେ ସହଯୋଗ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଛାତ୍ରଛାତ୍ରୀ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ବୈଜ୍ଞାନିକ ଭାବନାକୁ ଉତ୍ସାହିତ କରିବା ପାଇଁ ଆମେ ପ୍ରତ୍ୟେକ ଜିଲ୍ଲାରେ ଅତି କମରେ ଗୋଟିଏ ବିଜ୍ଞାନ ସମ୍ବନ୍ଧୀୟ ପ୍ରକଳ୍ପ ତାହା ଏକ ସାଇନ୍ସ ପାର୍କ, ସାଇନ୍ସ ସେଣ୍ଟର ଅବା ପ୍ଲାନେଟୋରିୟମ୍ ଭାବେ ବିକଶିତ କରିବାକୁ ଯୋଜନା କରୁଛୁ ବୋଲି ସେ କହିଛନ୍ତି।

## ପଶ୍ଚିମବଙ୍ଗ ସରକାର ସକାରାତ୍ମକ ପଦକ୍ଷେପ ନ ନେଲେ

# ଆମେ ପଦକ୍ଷେପ ନେବୁ: ଆଇନ ମନ୍ତ୍ରୀ

ଭୁବନେଶ୍ୱର (ଭିଓଭି): ପଶ୍ଚିମବଙ୍ଗର ଦୀଘାରେ ଶୁଭାରମ୍ଭ ହୋଇଥିବା ଜଗନ୍ନାଥ ମନ୍ଦିରକୁ ସ୍ଥାନୀୟ ସରକାର 'ଜଗନ୍ନାଥ ଧାମ' ଲେଖିବାକୁ ନେଇ ରିପୋର୍ଟ ଦୁଇ ଦିନ ତଳେ ଆସିଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ସବୁ କଥା ଅବଗତ କରାଯାଇଛି। ସେ ମମତା ବାନାର୍ଜୀଙ୍କୁ ଚିଠି ଲେଖିଛନ୍ତି ଯେ ଯେମିତି ଓଡ଼ିଶାର ଭଲ ସମ୍ପର୍କ ଅଛି ପଶ୍ଚିମବଙ୍ଗ ସହ, ତାହା ସେମିତି ରହୁ। ତେଣୁ ଜଗନ୍ନାଥ ଧାମ ନାଁ ପରିବର୍ତ୍ତନ କରି ମନ୍ଦିର ଲେଖିବାକୁ ସେ ଅନୁରୋଧ କରିଛନ୍ତି। ଆଶା କରୁଛୁ ପଶ୍ଚିମବଙ୍ଗ ସରକାର ସକାରାତ୍ମକ ପଦକ୍ଷେପ ନେବେ। ତାହା ନ ହେଲେ ଆମେ ଆଗାମୀ ପଦକ୍ଷେପ ନେବୁ। ଆଜି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏଭଳି କହିଛନ୍ତି। ସୂଚନାଯୋଗ୍ୟ, ପଶ୍ଚିମବଙ୍ଗର ଦୀଘାରେ ଶୁଭାରମ୍ଭ ହୋଇଥିବା ଜଗନ୍ନାଥ ମନ୍ଦିରକୁ ସ୍ଥାନୀୟ ସରକାର 'ଜଗନ୍ନାଥ ଧାମ' ଲେଖିବାକୁ ନେଇ ଓଡ଼ିଶା-ପଶ୍ଚିମବଙ୍ଗ ଭିତରେ ବିବାଦ ତେଜିଛି। ପରସ୍ପରକୁ ଆରୋପ ପ୍ରତ୍ୟାରୋପ ଭିତରେ ଆଜି ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ପତ୍ର ଲେଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ହିନ୍ଦୁମାନଙ୍କ ପବିତ୍ର ୪ ଧାମ ଭିତରୁ ପୁରୀ ଶ୍ରୀଜଗନ୍ନାଥ ଧାମ ଅନ୍ୟତମ। କେବଳ ଓଡ଼ିଆ ଲୋକ ନୁହନ୍ତି, ଦେଶ ସମେତ ବିଦେଶର କୋଟି କୋଟି ଲୋକଙ୍କ ପାଇଁ ଏହାର ଧାର୍ମିକ, ଆଧ୍ୟାତ୍ମିକ ଓ ସାଂସ୍କୃତିକ ଗୁରୁତ୍ୱ ରହିଛି। ଦୀଘା ମନ୍ଦିରକୁ ଜଗନ୍ନାଥ ଧାମ ଉଲ୍ଲେଖ କରିବା ଫଳରେ ଶ୍ରଦ୍ଧାଳୁଙ୍କ ଭିତରେ ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି। ଏହା ସହ ପୁରୀର ଯେଉଁ ଐତିହାସିକ ପରିଚୟ ରହିଛି ତାହା ମଳିନ ହେବା ସହ ଧାର୍ମିକ ଭାବାବେଗକୁ ଆଘାତ ଦେଉଛି। ତେଣୁ ଦୀଘା ଜଗନ୍ନାଥ ମନ୍ଦିରକୁ 'ଜଗନ୍ନାଥ ଧାମ' ବୋଲି ଲେଖିବା କାର୍ଯ୍ୟରୁ



ପଶ୍ଚିମବଙ୍ଗ ସରକାର ବିରତ ରୁହନ୍ତୁ। ଏହା ସହ କୌଣସି ପ୍ରକାର ପ୍ରୋତ୍ସାହନ କାର୍ଯ୍ୟକ୍ରମ ଓ ଯୋଗାଯୋଗ କ୍ଷେତ୍ରରେ ମଧ୍ୟ ଏହାକୁ ଉଲ୍ଲେଖ ନ କରାଯାଉ। ଅନ୍ତତଃ ରାଜ୍ୟ ଓ ସାଂସ୍କୃତିକ ଭାବାବେଗକୁ ଗୁରୁତ୍ୱ ଦେଇ ପଶ୍ଚିମବଙ୍ଗ ସରକାର ଏ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ଆଶା ରହିଥିବା ମୁଖ୍ୟମନ୍ତ୍ରୀ ପତ୍ରରେ ଉଲ୍ଲେଖ କରିଛନ୍ତି।

## ସଂ ପା ଦ କୀ ୟ

# ଭଲ ଲୋକମାନେ ସଂଗଠିତ ହେବା ଉଚିତ

ଗତ ଦୁଇଦିନର ଦୁଇଟି ଫୋନ କଲ୍ ମତେ ବଡ଼ ଦ୍ୱନ୍ଦରେ ପକେଇଛି । କାହାଠାରୁ ମନେ ନାହିଁ, କିନ୍ତୁ ଶୁଣିଥିଲି ଡାକ୍ତର ଡାକ୍ତରକୁ, ପଣ୍ଡିତ ପଣ୍ଡିତକୁ, ପାଲାକାର ପାଲାକାରକୁ, କେହି କାହାରିକି ପସନ୍ଦ କରନ୍ତି ନାହିଁ । ବୟସ ଓ ଅଭିଜ୍ଞତା ବଢିବା ସହିତ ଏହାର କାରଣଟା ଅଳ୍ପେ ବହୁତେ ବୁଝି ହୋଇଗଲାଣି । କିନ୍ତୁ ଗତ ଦୁଇ ଦିନର ଶିକ୍ଷାଟି ସମ୍ପୂର୍ଣ ନିଆରା । ସମାଜସେବାର ଭିନ୍ନ ଭିନ୍ନ କ୍ଷେତ୍ରରେ ନାମ କମାଇଥିବା (ନାମ, ଠିକଣା ଓ କରୁଥିବା ସମାଜସେବା ବିଷୟକୁ ଗୋପନ ରଖାଗଲା) ଦୁଇଜଣଙ୍କର ନମ୍ବର ସଂଗ୍ରହ କରି କରୁଥିବା ସେବା ସମ୍ବନ୍ଧରେ ଜାଣିବାର ଆଗ୍ରହ ପ୍ରକାଶ କରିଥିଲି । ମୋର ଉଦ୍ଦେଶ୍ୟ ଜଣାଇବାକୁ ଯାଇ କହିଥିଲି କି, ମୁଁ ଆପଣଙ୍କର ପଦାଙ୍କ ଅନୁସରଣ କରି ମୋ ଗାଁ'ରେ ସେହିପରି ଏକ ଅନୁଷ୍ଠାନ କରିବାକୁ ଇଚ୍ଛା ରଖିଛି । ମୋର ଉଦ୍ଦେଶ ଜାଣିବା ପରେ ତାଙ୍କର ପ୍ରକୃତ ପରିଚୟ ମୋତେ ଧୀରେ ଧୀରେ ଅନୁଭବ ହୋଇଥିଲା । ସେ ଦୁହେଁ କରୁଥିବା କର୍ମ ସମ୍ବନ୍ଧରେ ଜଣାଇବା କିମ୍ବା ସହଯୋଗ କରିବା ପାଇଁ ଅକ୍ଷମତା ପ୍ରକାଶ କରିବା ସଙ୍ଗେ ମୋର ପରବର୍ତ୍ତି ଫୋନ୍ କଲ୍'କୁ ଆଭଏଡ୍ କରିବା ବି ଆରମ୍ଭ କରିଦେଇଥିଲେ ।

ଭୁବନେଶ୍ୱରର ଗଞ୍ଜେଇଆଟି କଲିକତା ଗଲେ ତାର ଉପଯୁକ୍ତ କଲିକତିଆ ଗଞ୍ଜେଇଆ ସାଥୀଟିକୁ ଖୋଜି ପାଇଯାଏ । ବମ୍ବେରେ ଦେହ ଦଲାଲି କରୁଥିବା ମଣିଷଟି ଭୁବନେଶ୍ୱର ଆସି ଭାରି ସଜହରେ ଓ ବିନା ପରିଶ୍ରମରେ ସହଯୋଗୀ ବନ୍ଧୁଟିକୁ ପାଇଯାଏ । ପରେ ଏଠାରେ ତାର ବ୍ୟବସାୟର ସାମ୍ରାଜ୍ୟ ବଢ଼ାଇବାର ସମସ୍ତ ଜ୍ଞାନ କୌଶଳ ଅଳ୍ପ ଦିନରେ ହାସଲ କରିଦିଏ ।

କହିବା ବାହୁଲ୍ୟ ଯେ ବାଇକ ଚୋର, ଚେନ୍ ଛିନତାଇ ଗ୍ୟାଙ୍ଗ, ଦେହ ଦଲାଲ, କିଡନୀ ଚୋର, ସାଇବର ଅପରାଧୀ, ଧଳା ଜହର ରାକେଟ୍, ଲାଇଫ ଇନ୍ସୁରାନ୍ସ ଠକ, ଜି.ଏସ.ଟି ଠକ ସମସ୍ତେ ସହର, ଗାଁ, ରାଜ୍ୟ ଓ ଦେଶ ଭିତରେ ଭାବର ଆଦାନପ୍ରଦାନ କରି ଜ୍ଞାନ, କୌଶଳ କାରିଗରି ଆପଣେଇ, ଏକତ୍ରିତ ହୋଇ ନିଜନିଜର କଳା ସାମ୍ରାଜ୍ୟ ବଢ଼ାଇ ଚାଲିଛନ୍ତି । ଏପରି ସ୍ଥଳେ ସମାଜସେବୀମାନେ କାହିଁକି ଏକତ୍ରିତ ହୋଇ ପାରୁନାହାନ୍ତି ? କାହିଁକି ଜଣେ ଅନ୍ୟକୁ ଏତେ ଈର୍ଷା କରୁଛି ? କେବଳ ହାତ ଗଣତି କିଛି ଅନୁଷ୍ଠାନ କଣ ସମାଜସେବା, ନିଶା ନିବାରଣ, ପରିବେଶ ସୁରକ୍ଷା, ପଶୁପକ୍ଷୀଙ୍କ ସେବା, ଦୁଃଖୀ, ରଙ୍କି ଓ ଅନାଥଙ୍କ ପାଇଁ ସେବା କରୁଥିବେ ? ସେଇମାନେ ସମାଜସେବା ପାଇଁ ପୁରସ୍କୃତ ହେଉଥିବେ ? ଟିଭି ତଥା ଛାପା ଗଣମାଧ୍ୟମରେ ମୁହଁ ଦେଖାଇ ଭାଷଣ ମାରୁଥିବେ ? ଜ୍ଞାନ ବାଣ୍ଟିଲେ ବଢେ, ତେବେ ଅସୁବିଧା କୋଉଠି ବୋଲି ଦ୍ୱନ୍ଦ ଉପୁଜାଉଛି । ଠକ ଓ ଅସାଧୁ ଲୋକମାନଙ୍କର ମେଣ୍ଟ ହେଇପାରୁଛି କିନ୍ତୁ ସମାଜସେବା ବା ଭଲକାମ କରୁଥିବା ବ୍ୟକ୍ତି ବା ଅନୁଷ୍ଠାନ ମାନେ ସଂଗଠିତ ହେଇ ପାରୁନାହାଁନ୍ତି । ସଫଳତା ପାଇଥିବା ବ୍ୟକ୍ତି କିମ୍ବା ଅନୁଷ୍ଠାନ ନିଜ ଚଲାପଥରେ କେତେ ଯେ ବିଫଳତା ଓ ଆହ୍ୱାନର ସମ୍ମୁଖୀନ ହୋଇଥିବେ ଓ ସେ ସବୁର ମୁକାବିଲା କରି ଆଜି ସଫଳ ହୋଇଥିବେ, ସେହି ଗୁପ୍ତ ଓ ଗୂଢ଼ ରହସ୍ୟ ଗୁଡ଼ିକ ଅନ୍ୟକୁ ବାଣ୍ଟି ଦେବା ଆବଶ୍ୟକ । ଅନ୍ୟଥା ଆମ ଗାଆଁର ମହାନ ପ୍ରତିଭା କର୍ମକାଣ୍ଡ ବିଶାରଦ, ପଣ୍ଡିତ ଓ ପାଲାକାର ବନମାଳୀ ମିଶ୍ରଙ୍କ ଅନ୍ତେ ତାଙ୍କ ଶୂନ୍ୟସ୍ଥାନ ପୂରଣ ନହେଇ ପାରିବା ଭଳି ଅନେକ ବ୍ୟକ୍ତି ଓ ଅନୁଷ୍ଠାନର ସଫଳତା ସବୁ ସମୟ କ୍ରମେ ଲିଭିଯିବ । ତେଣୁ କାରଣ ଯେତେ ଅସ୍ପଷ୍ଟ ହେଲେ ମଧ୍ୟ, ସାମଗ୍ରୀକ ଉନ୍ନତି ପାଇଁ ଭଲ ଲୋକମାନେ ଏବେ ସଂଗଠିତ ହେବା ନିହାତି ଆବଶ୍ୟକ ।

ଜ୍ଞାନ ରଞ୍ଜନ ମିଶ୍ର

ଆପଣଙ୍କ ଅଭିଯୋଗ, ସମସ୍ୟା ମତାମତ କୁ ପ୍ରମାଣ ସହ ପଠାନ୍ତୁ । ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ (ଆଲେଖ୍ୟ)ବି ପଠାଇ ପାରିବେ ।

ମୋବାଇଲ (ହ୍ୱାଟସଆପ୍) ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ : କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ସାମ୍ରାଜ୍ୟବାଦୀ ମାନସିକତାର ନିଶାରେ ବ୍ରିଟେନ

ଡ. ସମନ୍ୱୟ ନନ୍ଦ

ବୋଧ ହୁଏ ବ୍ରିଟିଶମାନଙ୍କର ସାମ୍ରାଜ୍ୟବାଦୀ ମାନସିକତାର ହ୍ୟାଙ୍ଗ ଓଭର ଏବେ ମଧ୍ୟ ରହିଛି । ସେମାନେ ପୂର୍ବରୁ କହୁଥିଲେ ବ୍ରିଟିଶ ସାମ୍ରାଜ୍ୟରେ ସୂର୍ଯ୍ୟ କେବେ ଅସ୍ତ ହୁଏ ନାହିଁ । ବୋଧ ହୁଏ ଗୋରା ମାନଙ୍କର ସେହି ମାନସିକତା ଆଜି ମଧ୍ୟ ରହିଛି । ସେମାନେ ଏବେ ମଧ୍ୟ ନିଜକୁ ସେହି ମାନସିକତାରେ ରଖିଛନ୍ତି । ଏବେର ଘଟଣାରୁ ଏହା ହିଁ ସ୍ପଷ୍ଟ ହେଉଛି ।

ଭାରତକୁ ଅନେକ ବର୍ଷ ଧରି ଶାସନ କରିଥିବା ଓ ଭାରତରୁ ଲକ୍ଷ ଲକ୍ଷ କୋଟି ଟଙ୍କା ଲୁଣ୍ଠନ କରି ବିକଶିତ ଦେଶରେ ପରିଣତ ହୋଇଥିବା ବ୍ରିଟେନର ଏକ ସଂସ୍ଥା ରହିଛି ଯାହାର ନାମ ହେଉଛି ବ୍ରିଟିଶ ବ୍ରଡକାଷ୍ଟିଂ କର୍ପୋରେସନ ବା ବିବିସି । ଏହି ସଂସ୍ଥା ପକ୍ଷରୁ ଏକ ଡକ୍ୟୁମେଂଟାରୀ ଜାରୀ କରା ଯାଇଛି । ଡକ୍ୟୁମେଂଟାରୀର ନାମ ହେଉଛି - ଇଣ୍ଡିଆ ଦି ମୋଦୀ କ୍ୱେଶ୍ଚେନ । ଦୁଇଟି ପାର୍ଟରେ ଏହି ଡକ୍ୟୁମେଂଟାରୀ ପ୍ରସ୍ତୁତ କରା ଯାଇଛି । ଏହି ଡକ୍ୟୁମେଂଟାରୀରେ ୨୦୦୨ ମସିହାରେ ଗୁଜରାତରେ ହୋଇଥିବା ଦଙ୍ଗା ପାଇଁ ଗୁଜରାତର ତତ୍କାଳୀନ ମୁଖ୍ୟମନ୍ତ୍ରୀ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଦାୟୀ କରା କରି ପ୍ରଦର୍ଶିତ କରା ଯାଇଛି ।

ଏହି ଡକ୍ୟୁମେଣ୍ଟାରୀରେ କୌଣସି ତଥ୍ୟ - ପ୍ରମାଣ ନାହିଁ । ମୋଦୀ ଓ ଭାରତ ବିରୋଧୀ ବୋଲି ଧରା ଯାଉଥିବା ବ୍ରେକିଂ ଇଣ୍ଡିଆ ଫୋର୍ସର ସଦସ୍ୟମାନଙ୍କର ବକ୍ତବ୍ୟ ଓ ଅନ୍ୟ ମାନଙ୍କ ବକ୍ତବ୍ୟକୁ ନେଇ ଏ ଭଳି ଏକ ଚିତ୍ର ପ୍ରସ୍ତୁତ କରିବାକୁ ଚେଷ୍ଟା କରା ଯାଉଛି । ଏହି ମାମଲାରେ ତଳ କୋର୍ଟ ଠାରୁ ଆରମ୍ଭ କରି ସୁପ୍ରିମକୋର୍ଟ ଯାଏ, ସୁପ୍ରିମକୋର୍ଟର ତଦାରଖରେ ଏସଆଇଟି ଦ୍ୱାରା ଜାଂଚ କରା ଯିବା ପରେ ନରେନ୍ଦ୍ର ମୋଦୀ ଯେ ଏହି ମାମଲାରେ କୌଣସି ପ୍ରକାର ଭୁଲ ନ ଥିଲା ଓ ସମ୍ପୂର୍ଣ ନିର୍ଦୋଷ ତାହା ସ୍ପଷ୍ଟ ହୋଇ ସାରିଛି । କଂଗ୍ରେସର ଶାସନକାଳରେ ଜଣେ ମୁଖ୍ୟମନ୍ତ୍ରୀ ଭାବେ ତାଙ୍କୁ ୯-୯ ଘଂଟା ପଚାରା ଉଚୁରା କରା ଯାଇଥିଲା । ସମସ୍ତ ଜାଂଚ ପରେ ତାଙ୍କୁ କ୍ଲିନ ଚିଟ ଦିଆ ଯାଇଥିଲା । ବିବିସି ଏଭଳି ଏକ ଡକ୍ୟୁମେଂଟାରୀ ପ୍ରସ୍ତୁତ କରି ଭାରତର ପୋଲିସ-ଆଇନ ଓ ନ୍ୟାୟ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠା ଯାଇଛି । ବିଶ୍ୱର ସବୁଠାରୁ ବଡ ଗଣତନ୍ତ୍ରର ଶାସନ ବ୍ୟବସ୍ଥାକୁ ବିନା କୌଣସି ତଥ୍ୟ ପ୍ରମାଣରେ ପକ୍ଷପାତୀ ଭାବେ ପ୍ରଶ୍ନ ଉଠା ଯାଇଛି ।

ଏବେ ପ୍ରଶ୍ନ ଉଠୁଛି ଯେ ବିବିସି ଦୀର୍ଘ ୨୦ ବର୍ଷ ପରେ ଏପରି କାହିଁକି କଲା । ବିବିସି ସଂସ୍ଥା ହେଉଛି ବ୍ରିଟେନର ସରକାରୀ ସଂସ୍ଥା । ବ୍ରିଟେନର ଗୋରା ମାନେ ଆମ ଉପରେ ଦୀର୍ଘ ଦିନ ଧରି ରାଜୁତି କରିଥିଲେ । ଭାରତର ଲୋକ ମାନଙ୍କୁ ଶୋଷଣ କରି ଧନ- ସମ୍ପଦ- ବୈଭବକୁ ଲୁଣ୍ଠନ କରି ନେଇଥିଲେ । ଯେତେବେଳେ ସେମାନେ ଭାରତ ଛାଡି ଯିବାକୁ ବାଧ୍ୟ ହେଲେ ସେତେବେଳେ ସେମାନେ ତଥାପି ଭାବୁଥିଲେ ଯେ ଭାରତ ନିକଟରେ ପୁଣି ଥରେ ସାରା ବିଶ୍ୱକୁ ନେତୃତ୍ୱ କରିବାର ସାମର୍ଥ୍ୟ ରହିଛି । ତେଣୁ ସେମାନେ ଭାରତକୁ ବିଭାଜିତ କରି ପାକିସ୍ତାନ ତିଆରି କଲେ ଯଦ୍ୱାରା ପାକିସ୍ତାନ ଭାରତକୁ ହଇରାଣ କରିବ ଓ ଭାରତ ଆଗକୁ ବଢି ପାରିବ ନାହିଁ । ସେମାନେ ଆଉ ଏକ କାମ କରିଥିଲେ । ସେମାନେ ଭାରତ ଛାଡି ଗଲା ବେଳେ ଯେଉଁ ଲୋକ ମାନଙ୍କ ହାତରେ ଶାସନ କ୍ଷମତା ଦେଇଥିଲେ ସେମାନେ ଯଦିଓ ଭାରତୀୟ ଥିଲେ, ହେଲେ ସେମାନଙ୍କର ଭାରତୀୟ ସଂସ୍କୃତି, ପ୍ରତୀକ ଓ ପରମ୍ପରାରେ କୌଣସି ବିଶ୍ୱାସ ନ ଥିଲା । ସେମାନେ ଭାରତୀୟତାକୁ ଅତ୍ୟନ୍ତ ହୀନ ଓ ଘୃଣା ଦୃଷ୍ଟିରେ ଦେଖୁଥିଲେ । ସେମାନେ ଭାରତକୁ ଭାରତର ମୂଳ ପରିଚୟ ଆଧାରରେ ନୁହେଁ ବରଂ ଗୋରା ମାଲିକ ମାନଙ୍କର ଚିନ୍ତନ ସେମାନଙ୍କର ବ୍ୟବସ୍ଥା ଆଧାରରେ ଗଢିବାକୁ ଲାଗିଥିଲେ । ବ୍ରିଟେନର ଗୋରା ମାନଙ୍କୁ ଏଭଳି ନେତୃତ୍ୱ ହାତରେ ଭାରତର ଶାସନ କ୍ଷମତା ଦେବାରେ କୌଣସି ଅସୁବିଧା ନ ଥିଲା, କାରଣ ସେମାନେ ଜାଣିଥିଲେ ଯେ ଏହା ଦ୍ୱାରା ପ୍ରକାରାନ୍ତରେ ତାଙ୍କର ଶାସନ ହିଁ ଚାଲୁ ରହିବ । ଏଭଳି ଦୀର୍ଘ ସମୟ ଧରି ଚାଲୁ ମଧ୍ୟ ରହିଥିଲା । ହେଲେ ୨୦୧୪ ମସିହାରେ ସବୁ କିଛି ଓଲଟା ପାଲଟା ହୋଇ ଗଲା । ୨୦୧୪ ମସିହା ସାଧାରଣ ନିର୍ବାଚନରେ ପ୍ରଥମ ଥର ପାଇଁ ଦେଶର ୧୩୦ କୋଟି ଜନସାଧାରଣ ଏଭଳି ଏକ ସରକାରକୁ ନିର୍ବାଚିତ କଲେ ଯାହା ଏହି ଦେଶର ମାଟି, ସଂସ୍କୃତି ସଭ୍ୟତା, ପ୍ରତୀକରୁ ପ୍ରେରଣା ଲାଭ କରୁଥିଲା, ଗୋରା ମାନଙ୍କ ଠାରୁ ନୁହେଁ । ଏହା ବ୍ରିଟେନର ଗୋରା ମାନଙ୍କ ପାଇଁ ତଥା ଭାରତରେ ଥିବା ସେମାନଙ୍କର ମାନସିକ ଭାବେ ଗୋଲାମ ମାନଙ୍କ ଏକ ଶକ୍ତ ଧକ୍କା ଥିଲା । ସେମାନେ ଏହାକୁ ହଜମ କରି ପାରୁ ନ ଥିଲେ । ୨୦୧୪ ମସିହା ପରେ ୨୦୧୯ ମସିହାରେ ମଧ୍ୟ ଏହି ସରକାରକୁ ଲୋକ ମାନେ ପୁଣି ଥରେ ଜିତାଇଲେ । ଏହା ଗୋରା ମାନଙ୍କ ପାଇଁ ଓ ଭାରତରେ ଥିବା ବ୍ରେକିଂ ଇଣ୍ଡିଆ ଫୋର୍ସର ସଦସ୍ୟ ମାନଙ୍କ ପାଇଁ ଅସହ୍ୟ ଥିଲା । ଏବେର ସରକାର ଭାରତର ପୁରାତନ ସଭ୍ୟତା, ସଂସ୍କୃତି ଆଧାରରେ ଅଗ୍ରସର ହେଉଛି । କେବଳ ସେତିକି ନୁହେଁ ଭାରତର ସାଂସ୍କୃତିକ ଉତଥାନ ସହିତ ଭାରତ ଆର୍ଥିକ ପ୍ରଗତି ମଧ୍ୟ ଦୃତ ଗତିରେ କରୁଛି । ଏବେ ଭାରତ ଗୋରା ମାନଙ୍କ ଆଗରେ ଆଖିରେ ଆଖି ମିଶାଇ କଥା କହୁଛି ଓ ତାଙ୍କୁ ଉଚିତ ଜବାବ ଦେଉଛି । ଆର୍ଥିକ ମାମଲାରେ ଭାରତ ବ୍ରିଟେନକୁ ମଧ୍ୟ ପଛରେ ପକାଇ ସାରିଲାଣି । ଯେଉଁ ଦେଶଉପରେ ଦୀର୍ଘ ଦିନ ଧରି ଗୋରା ମାନେ ଶାସନ କରିଥିଲେ ତାର ଏଭଳି ପ୍ରଗତି ହେବାକୁ ଦେଖିବା ତାଙ୍କ ପକ୍ଷେ ସହ୍ୟ ହେଉ ନାହିଁ ।

ଏବେ ଏହି ଶକ୍ତି ମାନେ ତାଙ୍କ ଦେଶର ଏହି ବିବିସି ନାମକ ଉପରକରଣ ଜରିଆରେ ଏହି ଡକ୍ୟୁମେଂଟାରୀ ଜାରି କରିଛନ୍ତି । ଏହି ଡକୁମେଂଟାରୀ ଆସିବା ପରେ ଭାରତରେ ବସିଥିବା ତାଙ୍କର ମାନସପୁତ୍ର ମାନେ ଖୁସିରେ ନାଚ -ଗୀତ କରିବା ଓ ଡେଇଁବା ଆରମ୍ଭ କରି ଦେଇଛନ୍ତି । ସେମାନଙ୍କର ଖୁସିର ସୀମା ନାହିଁ । ତେବେ ଭାରତର ଲୋକ ମାନେ ଏହାକୁ ଭଲ ଭାବେ ବୁଝି ସାରିଛନ୍ତି । ତେଣୁ ଏହି ନାଚକୁଦ କରୁଥିବା ଗୋଷ୍ଠୀକୁ ଏଥିରୁ କୌଣସି ଲାଭ ହେବ, ସେପରି ଲାଗୁ ନାହିଁ ।

ଚୀନର ସରକାରୀ ସମ୍ବାଦପତ୍ର ଗ୍ଲୋବାଲ ଟାଇମ୍ସ ଖୋଲା ଖୋଲି ଭାବେ ଭାରତ ବିରୋଧୀ । ତେବେ ଏହି ସମ୍ବାଦପତ୍ରର ଏକ ସ୍ତମ୍ଭଲେଖକ ଏହି ପ୍ରସଙ୍ଗକୁ ନେଇ ଯାହା ଲେଖିଛନ୍ତି ତାହା ଯଥାର୍ଥ ଭଳି ମନେ ହେଉଛି । ସେ ଲେଖିଛନ୍ତି – "ଭାରତ ଉପରେ ଅଧିରାଜତ୍ୱ ଥିବାର ମାନସିକତା ବ୍ରିଟେନ ମଧ୍ୟରେ ଏବେ ମଧ୍ୟ ରହିଛି । ବ୍ରିଟେନର ଅଧୀନରେ ଥିବା ଏକ ଦେଶ ଭାରତ ଯେତେବେଳେ ତାଙ୍କୁ ଜିଡିପି କ୍ଷେତ୍ରରେ ପଛରେ ପକାଇ ଦେଇଛି ସେତେବେଳେ ବ୍ରିଟେନକୁ ଏହା ମାନସିକ ଭାବେ କଷ୍ଟ ଦେଉଛି । ଭାରତ ଯେତେ ବିକଶିତ ହେବ ବ୍ରିଟେନର କଷ୍ଟ ବଢି ବଢି ଚାଲିବ ।" ବର୍ତମାନର ଘଟଣା ଉପରେ ଚୀନର ସ୍ତମ୍ଭ ଲେଖକଙ୍କ ଏହି ବ୍ୟାଖ୍ୟା ଠାରୁ ଯଥାର୍ଥ ବ୍ୟାଖ୍ୟା ବୋଧ ହୁଏ ଆଉ ହୋଇ ନ ପାରେ । ଯେଉଁ ଦେଶ ତାଙ୍କର ଅଧୀନରେ ଥିଲା ସେହି ଦେଶ ଆଜି ତାଙ୍କ ଠାରୁ ଆର୍ଥିକ ଦୃଷ୍ଟିରେ ଆଗକୁ ଚାଲିଗଲାଣି । ତେଣୁ ଗୋରା ମାନେ ଛଟପଟ ହେବା ସ୍ୱାଭବିକ ।

ଭାରତ ସରକାର ଏହାକୁ ନେଇ ଅତ୍ୟନ୍ତ କଠୋର ପ୍ରତିକ୍ରିୟା ଦେଇଛନ୍ତି । ବୈଦେଶିକ ମନ୍ତ୍ରଣାଳୟର ପ୍ରବକ୍ତା ଅରିନ୍ଦନ ବାଗଚୀ ଏ ସମ୍ପର୍କରେ ପଚାରା ଯାଇଥିବା ପ୍ରଶ୍ନର ଉତରରେ କହିଛନ୍ତି - "ମୋତେ ସ୍ପଷ୍ଟ କରିବାକୁ ଦିଅନ୍ତୁ ଆମ ମତରେ ଏହା ଏକ ପ୍ରପାଗଣ୍ଡା ପିସ୍ ଅଟେ । ଏହାର ଉଦ୍ଦେଶ୍ୟ ଏଭଳି ଏକ ନ୍ୟାରେଟିଭକୁ ପ୍ରସ୍ତୁତ କରିବା ଯାହାକୁ ଲୋକ ମାନେ ବହୁ ପୂର୍ବରୁ ଖାରଜ କରି ସାରିଛନ୍ତି । ଏଭଳି ଫିଲ୍ମ ବା ଡକ୍ୟୁମେଂଟାରୀ ତିଆରି କରିଥିବା ଏଜେନ୍ସୀ ଓ ବ୍ୟକ୍ତି ଏହି ନ୍ୟାରେଟିଭକୁ ପୁଣି ଥରେ ଚଳାଇବାକୁ ଚାହୁଁଛନ୍ତି ।"

ଏହି ଡକ୍ୟୁମେଂଟାରୀକୁ ନେଇ ଭାରତରେ ଗୋରାଙ୍କର ମାନସିକ ଗୋଲାମ ମାନେ ହିଁ ଖୁସିରେ ନାଚୁଛନ୍ତି ତା ନୁହେଁ ବ୍ରିଟେନ ସଂସଦରେ ପାକିସ୍ତାନ ବଂଶୋଦ୍ଭବ ସାଂସଦ ଇମରାନ ହୁସେନ ମଧ୍ୟ ନାଚିବା ଆରମ୍ଭ କରି ଦେଇଛନ୍ତି ହେଲେ ବ୍ରିଟେନର ପ୍ରଧାନମନ୍ତ୍ରୀ ଋଷି ସୁନକ ଏହି ପାକିସ୍ତାନୀ ବଂଶୋଦ୍ଭବ ସାଂସଦଙ୍କୁ ଚୁପ କରାଇ ଦେଇଥିଲେ । ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମ୍ପର୍କରେ ଚରିତ୍ରିକରଣ ସହ ସେ ସହମତ ନାହାନ୍ତି । ଏହା କେବଳ ହୁସେନଙ୍କୁ ଚାପୁଡା ନଥିଲା ଡକ୍ୟୁମେଂଟାରୀ ତିଆରି କରିଥିବା ଗୋରା ମାନଙ୍କୁ ମଧ୍ୟ ଚାପୁଡା ଥିଲା । ତେବେ ଗୋଟିଏ କଥା ସ୍ପଷ୍ଟ ଯେ ଭାରତ ଯେତେ ଅଗ୍ରସର ହେବ ଗୋରା ମାନେ ସେତେ ଛଟପଟ ହେବେ । ସେମାନେ ଆଗାମୀ ଦିନରେ ଏଭଳି ଆହୁରି ଆକ୍ରମଣ କରିବେ । ଭାରତବାସୀଙ୍କୁ ଏଥି ପାଇଁ ପ୍ରସ୍ତୁତ ରହିବାକୁ ପଡିବ ।

# ଡ. ସୁବାସିନୀ ଲେଙ୍କାଙ୍କ ପୁସ୍ତକ 'ଶ୍ରଦ୍ଧାର ଅମୃତଧାରା' ଉନ୍ମୋଚିତ



କଟକ, (ଭିଓଭି) : ଶ୍ରୀରାମଚନ୍ଦ୍ର ଭବନଠାରେ ବିଶିଷ୍ଟ ସାହିତ୍ୟିକା ଓ ଲେଖିକା ଡ.ସୁବାସିନୀ ଲେଙ୍କାଙ୍କ ସମ୍ବନ୍ଧରେ ପୁସ୍ତକ 'ଶ୍ରଦ୍ଧାର ଅମୃତଧାରା' ଉନ୍ମୋଚିତ ହୋଇଯାଇଛି । ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବକୁ ବିଶ୍ୱଭାରତୀ ଶାନ୍ତି ନିକେତନର ପୂର୍ବତନ ପ୍ରଫେସର ଡ. ବୈଷ୍ଣବ ଚରଣ ସାମଲ ଉଦ୍‌ଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବରେ ରେ ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି ଡ. ସଞ୍ଜୟ ନାୟକ ଯୋଗଦେଇ ଅଧ୍ୟୟ ବିଷୟରେ ଆଲୋଚନା କରି ଶିକ୍ଷା ଜଗତକୁ ତାଙ୍କର ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବରେ ପୂର୍ବତନ ଆୟକର ମୁଖ୍ୟ କମିସନର ମନୋରଞ୍ଜନ ପାଣିଗ୍ରାହୀ, ଶିକ୍ଷାବିତ୍ ଓ ସାହିତ୍ୟିକ ଡ. ପ୍ରଫୁଲ୍ଲ କୁମାର ଦାଶ ଓ କିଟ୍ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଡ. ବିଜୟାନନ୍ଦ ସିଂ ପ୍ରମୁଖ ଯୋଗଦେଇଥିଲେ । ପୁସ୍ତକ ସଂପାଦନା କରିଥିବା ଓ ପ୍ରକାଶ କରିଥିବା ଇଂ. ଧୀରେନ୍ଦ୍ର କୁମାର ବିଶ୍ୱାଳ ଏ୮. ସୁବାସିନୀ ଲେଙ୍କାଙ୍କ ଜୀବନୀ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଉତ୍ସବର ପ୍ରାରମ୍ଭରେ କୈଳାଶ ଚନ୍ଦ୍ର ଶ ଶତପଥୀ ସ୍ୱାଗତ ଭାଷଣ କରିବା ସହିତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଶେଷରେ ଡ. ସୁବାସିନା ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ ।

# ଆନନ୍ଦବନ ଠାରେ ନୂତନ ସୁଭଦ୍ରା ଶକ୍ତି କାଫେ ଉଦ୍‌ଘାଟନ କଲେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର (ଭିଓଭି): ଓଡ଼ିଶାର ମହିଳା-ନେତୃତ୍ୱାଧୀନ ଉଦ୍ୟୋଗିତାର ଗତିଶୀଳ ଯାତ୍ରାରେ ଆଉ ଏକ ମାଇଲଖୁଣ୍ଟ ସଦୃଶ, ଆଜି ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ସ୍ଥାନୀୟ ଶ୍ରୀ ଅଟଳ ବିହାରୀ ବାଜପାୟୀ ଆନନ୍ଦବନ ପରିସରରେ ଏକ ନୂତନ ସୁଭଦ୍ରା ଶକ୍ତି କ୍ୟାଫେ ଉଦ୍ଘାଟନ କରିଛନ୍ତି । ଏହା କେବଳ ଏକ କ୍ୟାଫେ ନୁହେଁ, ବରଂ ଏହା ରାଜ୍ୟର ବିକାଶ ମଡେଲରେ ଏକ ପରିବର୍ତ୍ତନକୁ ପ୍ରତିଫଳିତ କରେ, ଯେଉଁଥିରେକି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉଦ୍ୟୋଗିତା, ସାମାଜିକ ଏବଂ ଅର୍ଥନୈତିକ ଅନ୍ତର୍ଭୁକ୍ତିର ଅଗ୍ରଭାଗରେ ଅଛନ୍ତି । ଏହି କାଫେ ଭୁଆଶୁଣି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କଦ୍ୱାରା ସଂପୂର୍ଣ୍ଣଭାବେ ପରିଚାଳିତ ହେବ, ଯେଉଁମାନେ ଭୁବନେଶ୍ୱରର ଇନ୍‌ଷ୍ଟିଚ୍ୟୁଟ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (IHM)ରେ ବିଶେଷ ଆତିଥ୍ୟ ପ୍ରଶିକ୍ଷଣ ନେଇଛନ୍ତି । ମିଶନ ଶକ୍ତି ବିଭାଗର ଏକ ବ୍ୟାପକ କ୍ଷମତା ଓ ଦକ୍ଷତା ବିକାଶ ନିର୍ମାଣର ଅଂଶ ଭାବରେ ଏହି ପ୍ରଶିକ୍ଷଣ ଦିଆଯାଇଥିଲା, ଯାହା କ୍ଷୁଦ୍ର ଉଦ୍ୟୋଗୀମାନଙ୍କୁ ସହାୟତା ଯୋଗାଇଦେବା ସହ ଏବଂ ମହିଳାମାନଙ୍କୁ ବ୍ୟବସାୟ ପରିଚାଳନା ପାଇଁ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଆୟୋଜିତ ହୋଇଥିଲା । ଏହି କାଫେ କେବଳ ଏକ ଖାଦ୍ୟ ଆଉଟଲେଟ୍ ନୁହେଁ, ବରଂ ଏହା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ପାଇଁ ଏକ ପ୍ଲାଟଫର୍ମ, ଯେଉଁଠାରେ ସେମାନେ ନିଜର ପାକ କଳା କୌଶଳ ପ୍ରଦର୍ଶନ କରିପାରିବେ, ବୃତ୍ତିଗତ ଭାବରେ ଏହାର ପରିଚାଳନା



କରିପାରିବେ ଏବଂ ସହରର ବୃଦ୍ଧିଶୀଳ ଉପଭୋକ୍ତା ବର୍ଗଙ୍କ ପାଖରେ ପହଞ୍ଚିପାରିବେ । କ୍ୟାଫେର ଖାଦ୍ୟ ତାଲିକାରେ ନାନା ପ୍ରକାରର ଜଳଖିଆ, ଏବଂ ହରବଲ୍ ଜୁସ୍, ହରବଲ୍ ଚା, ଫଳ ରସ, ଲସି, ସିଗନେଚର୍ ନଡ଼ିଆ ଶେକ୍, କୋଲ୍ଡ କଫି ଭଳି ଶୀତଳ ପାନୀୟ ସହିତ ମକ୍ଟେଲ୍, ସ୍ମୁଦି ଏବଂ ମିଲ୍କଶେକ୍ ଆଧୁନିକ ପାନୀୟ ମଧ୍ୟ ଅନ୍ତର୍ଭୁକ୍ତ ରହିଛି । ଲକ୍ଷପତି ଦିଦି ପଦକ୍ଷେପ ଅଧୀନରେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଉଦ୍ୟୋଗୀରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାର ଏହା ଏକ ଅନନ୍ୟ ପ୍ରତୀକ । ଏବେ ଓଡ଼ିଶା ଲକ୍ଷପତି ଦିଦି କାର୍ଯ୍ୟକ୍ରମ ଅଧୀନରେ ଦେଶର ଅଗ୍ରଣୀ ଅଟେ । ଏହି କାର୍ଯ୍ୟକ୍ରମ ୧୬ ଲକ୍ଷରୁ ଅଧିକ ମହିଳାଙ୍କୁ ବାର୍ଷିକ ୧ ଲକ୍ଷ ବା ତା'ଠାରୁ ଅଧିକ ରୋଜଗାର କରିବାକୁ ସଶକ୍ତ କରିଛି । ସୁଭଦ୍ରା ଶକ୍ତି କାଫେ ଭଳି ପଦକ୍ଷେପଗୁଡ଼ିକ ଓଡ଼ିଶାର ବିକାଶ ଯାତ୍ରାର ପରବର୍ତ୍ତୀ ପର୍ଯ୍ୟାୟକୁ ସୂଚିତ କରୁଅଛି । ଆୟ ଉତ୍ପାଦନରୁ ଧନ ସୃଷ୍ଟି, ସାମୁହିକ କାର୍ଯ୍ୟକଳାପରୁ ଉଦ୍ୟୋଗୀ ପର୍ଯ୍ୟନ୍ତ, ରାଜ୍ୟ ସରକାର ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ଆତ୍ମବିଶ୍ୱାସ ବଢାଇବା ସହ ସେମାନଙ୍କୁ ନିଯୁକ୍ତି ସୃଷ୍ଟିକାରୀରେ ପରିଣତ କରିବା ଲକ୍ଷ୍ୟରେ ଆଗେଇ ଚାଲିଛନ୍ତି । ଆଜିର ଏହି ଉଦ୍ଘାଟନୀ ଅବସରରେ, ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଓଡିଶାର ସମସ୍ତ ମହିଳାଙ୍କ ଆକାଂକ୍ଷାକୁ ସୁଯୋଗରେ ପରିଣତ କରିବାକୁ ରାଜ୍ୟ ସରକାର ଦୃଢ ସଙ୍କଳ୍ପବଦ୍ଧ, ବୋଲି ପ୍ରକାଶ କରିବା ସହ 'ମହିଳାଙ୍କଦ୍ୱାରା ପରିଚାଳିତ ପ୍ରତ୍ୟେକ ନୂତନ କ୍ୟାଫେ, ଉଦ୍ୟୋଗ କିମ୍ବା ଉତ୍ପାଦ ଆମକୁ ଏକ ସ୍ୱାବଲମ୍ବୀ ତଥା ବିକଶିତ ଓଡିଶା ଗଠନ ଦିଗରେ ଆଉ ଏକ ପାଦ ଆଗକୁ ନେଇଯାଉଅଛି । ଏହା କେବଳ ଜୀବନ ଜୀବିକାର ପ୍ରଚାର ନୁହେଁ, ଏହା ଆମ ମା' ମାନଙ୍କ ଆମେ ମର୍ଯ୍ୟାଦା, ନେତୃତ୍ୱ ଏବଂ ଆର୍ଥିକ ସ୍ୱାଧୀନତାର ପ୍ରତିଛବି ।ଏହି କାର୍ଯ୍ୟକ୍ରମରେ ଶ୍ରୀ ବାବୁ ସିଂ, ବିଧାୟକ, ଏକାମ୍ର ଭୁବନେଶ୍ୱର ମଧ୍ୟ ଉପସ୍ଥିତ ଥିଲେ ।

# ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଚାଲୁଥିବା ସ୍କୁଲ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ଓଡ଼ିଶା ସରକାର

ଭୁବନେଶ୍ୱର (ଭିଓଭି): ଗ୍ରୀଷ୍ମ ପ୍ରବାହ ଯୋଗୁ ସ୍କୁଲ ବନ୍ଦ ରଖିବାକୁ ରାଜ୍ୟ ସରକାରଙ୍କ ସ୍ପଷ୍ଟ ନିର୍ଦ୍ଦେଶ ସତ୍ତ୍ୱେ ଯେଉଁ ସ୍କୁଲଗୁଡ଼ିକ ଚାଲୁ ରହିଛି । ସେମାନଙ୍କ ବିରୁଦ୍ଧରେ ତୁରନ୍ତ ଏବଂ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍କୁଲ ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବିଭାଗର ଅତିରିକ୍ତ ସଚିବ ଦୁର୍ଗା ପ୍ରସାଦ ମହାପାତ୍ରଙ୍କ ଦ୍ୱାରା ଜାରି ଏକ ଚିଠିରେ ଉଲ୍ଲେଖ କରାଯାଇଛି ଯେ, ରାଜ୍ୟ ସରକାର ପ୍ରଚଣ୍ଡ ଗ୍ରୀଷ୍ମ ତାପମାତ୍ରା ପ୍ରତି ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ୨୨ ଏପ୍ରିଲ୍ ୨୦୨୫ ଠାରୁ ସମସ୍ତ ସରକାରୀ, ଅନୁଦାନପ୍ରାପ୍ତ ଏବଂ ବେସରକାରୀ ବିଦ୍ୟାଳୟ ବନ୍ଦ ରଖିବାକୁ ଘୋଷଣା କରିଥିଲେ । ତେବେ କିଛି ଶିକ୍ଷାନୁଷ୍ଠାନ ଏହି ନିର୍ଦ୍ଦେଶକୁ ଅଣଦେଖା



କରି ସ୍କୁଲ ଖୋଲା ରଖିଛନ୍ତି । ଫଳରେ ଛାତ୍ରଛାତ୍ରୀମାନଙ୍କ ସୁରକ୍ଷାକୁ ବିପଦରେ ପକାଇଛି । ବିଭାଗ ପକ୍ଷରୁ ଡିଇଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ, ସେମାନେ ନିଜ ନିଜ ଅଞ୍ଚଳର ସ୍କୁଲଗୁଡ଼ିକ ଉପରେ କଡ଼ା ନଜର ରଖନ୍ତୁ ଏବଂ ବିନା ବ୍ୟତିକ୍ରମରେ ଗ୍ରୀଷ୍ମ ଛୁଟି ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରନ୍ତୁ ।

# ନୂଆପଡାରେ ଜିଲ୍ଲା ରାଜସ୍ୱ ଅଧିକାରୀଙ୍କ ବୈଠକ ଅନୁଷ୍ଠିତ

ନୂଆପଡ଼ା, (ଭିଓଭି): ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ରାଜସ୍ୱ ଅଧିକାରୀମାନଙ୍କ ତଥା ରାଜସ୍ୱ ସଂଗ୍ରହ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବନଖଣ୍ଡ ଅଧିକାରୀ ଖରୀଆର ଅଜିଜ ଖାନ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ବନଖଣ୍ଡ ଅଧିକାରୀ ବନ୍ୟପ୍ରାଣୀ ମହାଦେବ ବଡାଇକ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଡେପୁଟୀ କଲେକ୍ଟର ହେମନ୍ତ ପୁଟା, ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ଟ୍ରେଜେରୀ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ, ଖଣିଜ ଅଧିକାରୀ, ଅବକାରୀ ଅଧିକ୍ଷକ, ଆର୍ ଟିଓ, ସମସ୍ତ ଏନ୍ଏସି କାର୍ଯ୍ୟନିର୍ବାହି ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଡିଇଜିଏମ ପ୍ରମୁଖ ଯୋଗ



ଦେଇଥିଲେ । ବୈଠକକୁ ସମ୍ବୋଧନ କରି ଜିଲ୍ଲାପାଳ କହିଲେଯେ ସମସ୍ତ ଅଧିକାରୀ ମାନେ ନିୟମିତ ବିଭିନ୍ନ ଉତ୍ସରୁ ଜିଲ୍ଲାର ରାଜସ୍ୱ ବୃଦ୍ଧି ପାଇଁ ଧ୍ୟାନ ଦିଅନ୍ତୁ । ସମସ୍ତ ଅଧିକାରୀ ସହଯୋଗ କରି ଜିଲ୍ଲା ରେଡକ୍ରସ୍ ପାଣ୍ଠି ବୃଦ୍ଧି କରନ୍ତୁ । ବିଭିନ୍ନ ବିଭାଗର ସମୀକ୍ଷାରୁ ଜଣାଗଲା ଯେ ୨୦୨୫ ବର୍ଷ ପାଇଁ ଜି ଏସ୍ ଟି ବିଭାଗକୁ ୪୫୬ ଲକ୍ଷ ଟଙ୍କା ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସେଥିରୁ ଏପ୍ରିଲ୍ ମାସଯାଏଁ ୨୧.୮୨ ଲକ୍ଷ ଟଙ୍କା ସଂଗ୍ରହ ହୋଇଛି । ଗତ ମାସରେ ଅବକାରୀ ବିଭାଗ ଦ୍ୱାରା ୯୪,୬୪,୭୮୪ ଟଙ୍କା ରାଜସ୍ୱ ସଂଗ୍ରହ ହୋଇଛି । ବେଆଇନ୍ ମଦ କୋଠି, କଫ ସିରପ , ଗଞ୍ଜେଇ କାରବାର କୁ ଦୃଢ଼ ହସ୍ତରେ ଦମନ କରି କେଶ୍ ସଂଖ୍ୟା ବଢାଇବା ସହିତ କେଶ୍‌ରେ ଦୋଷୀ ଯେଭଳି ଖସି ନ ଯିବେ ସେଇ ବ୍ୟବସ୍ଥା କରିବା ପାଇଁ ଜିଲ୍ଲାପାଳ ଅବକାରୀ ଅଧିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଧ ମାପ ଓ ଓଜନ ବିଭାଗ ଅପ୍ରେଲ ମାସରେ ୨୦୦ ଟି ଯାଞ୍ଚ କରି ୧୬୦୦୦ ଟଙ୍କା ଫାଇନ ଆଦାୟ କରିଛନ୍ତି । ଆଞ୍ଚଳିକ ପରିବହନ ଅଧିକାରୀ ଗତ ମାସରେ ୧,୩୧,୪୬,୭୩୯ ଟଙ୍କା ରାଜସ୍ୱ ସଂଗ୍ରହ କରିଛନ୍ତି । ୨୦୨୫ ବର୍ଷରେ ୨୧୮୩ ଟି ଇ ଚାଲାନ୍ କଟିଛି ଏବଂ ସେଥିରୁ ୧୪୦୩ ଟି ବିନା ହେଲମେଟ ଗାଡ଼ି ଚାଳନା ପାଇଁ ଫାଇନ ଆଦାୟ ହୋଇଛି । ଜିଲ୍ଲାପାଳ କହିଲେ ଯେ ରାସ୍ତା ଦୁର୍ଘଟଣାରେ ବିଶେଷକରି ବାଇକ୍ ଚାଳକ ଯୁବା ବର୍ଗଙ୍କ ଜୀବନ ହାନି ଘଟୁଥିବାରୁ ସେମାନଙ୍କୁ ସଚେତନ କରିବା ପାଇଁ କଲେଜର ଛାତ୍ର ଛାତ୍ରୀ ମାନଙ୍କୁ ନିୟୋଜିତ କରାଯାଉ । ଏଥିପାଇଁ କଲେଜ୍ ମାନଙ୍କୁ ସ୍ୱତନ୍ତ୍ର ସଚେତନତା ଶିବିର ଆୟୋଜନ କରାଯିବ । ଏବର୍ଷ ଏପ୍ରିଲ୍ ପର୍ଯ୍ୟନ୍ତ ମାଇନିଙ୍ଗ ବିଭାଗ ପକ୍ଷରୁ ୧,୨୨,୮୫,୨୧୧ ଟଙ୍କା ରାଜସ୍ୱ ସଂଗ୍ରହ ହୋଇଛି । ଜିଲ୍ଲାର ସମସ୍ତ ଖଣି ଖାଦାନ ବାଲି ମୋରମ୍ ପଥରରୁ ନିୟମିତ ରାଜସ୍ୱ ସଂଗ୍ରହ ହେବ କ୍ଷ ମାଇନିଙ୍ଗ , ପୋଲିସ ଓ ତହସିଲ୍ ବିଭାଗ ମିଳିତ ଭାବରେ ରେଡ୍ କରିବେ । ଜିଲ୍ଲା ଭୂ ନିବନ୍ଧକଙ୍କ କାର୍ଯ୍ୟାଳୟ ପକ୍ଷରୁ ଗତ ମାସ ଶେଷ ସୁଦ୍ଧା ୫୪,୭୯,୩୭୬ ଟଙ୍କା ଆଦାୟ ହୋଇଛି । ତହସିଲଦାର ମାନେ ସମସ୍ତ ଯୋଗ୍ୟ ଭୂମିହୀନ ପରିବାରଙ୍କୁ ଘର ଡିହ ପଟ୍ଟା ଯୋଗାଇ ଦେବେ । ପଡ଼ି ରହିଥିବା ସମସ୍ତ ରାଜସ୍ୱ କେଶ୍ ଓ ମ୍ୟୁଟେସନ କେଶ୍ ଶିଘ୍ର ସମାଧାନ ହେବ । ଜିଲ୍ଲାର ଜଙ୍ଗଲ ଜମି ଏବଂ ଗୋଚର ଜମିରୁ ଜବର ଦଖଲ ଅତି ଶିଘ୍ର ଉଚ୍ଛେଦ କରି ତାକୁ ସଂରକ୍ଷିତ ରଖାଯିବ । ବେଆଇନ୍ ଭାବରେ ଚାଲିଥିବା ଇଟା ଭାଟି ସବୁ ରେଡ୍ କରାଯିବ । ଏସବୁ ଉପରେ ଉପ ଜିଲ୍ଲାପାଳ ଜିଲ୍ଲାପାଳଙ୍କୁ ପାକ୍ଷିକ ରିପୋର୍ଟ ଦେବେ ।

# ଜଳଯୋଗାଇ ପାରୁନି ମେଗା ଜଳ ପ୍ରକଳ୍ପ

କେନ୍ଦୁଝର,(ଭିଓଭି): କେନ୍ଦୁଝର ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଓ ଅମ୍ବାଡିସି ପାଣ୍ଠିରୁ ଚମ୍ପୁଆ, ଯୋଡ଼ା, ଝୁମ୍ପୁରା, ସଦର ଅଞ୍ଚଳର ଗ୍ରାମ ଓ ପ୍ରତ୍ୟେକ ଘରକୁ ପାଇପ ମାଧ୍ୟମରେ ପିଇବା ପାଣି ଯୋଗାଇବାର ବ୍ୟବସ୍ଥା କରାଯାଇଛି। ଚମ୍ପୁଆ ସବଡିଭିଜନ କାନପୁର ଡ୍ୟାମ ନିକଟ ମିରିଗିସିଙ୍ଗା ବୈତରଣୀ ନଦୀଠାରେ ମେଗା ଜଳ ପ୍ରକଳ୍ପ ୨୦୧୯ ମସିହାରେ ଠିକାଦାରଙ୍କ ଦ୍ୱାରା କାର୍ଯ୍ୟ ଆରମ୍ଭ ହୋଇଥିଲା। ଦୀର୍ଘ ୭ବର୍ଷ ବିତିବାକୁ ବସିଛି। ଧାର୍ଯ୍ୟ ପାଣ୍ଠି ଠାରୁ ଢେର ଅଧିକ ଟଙ୍କା ଖର୍ଚ୍ଚ ମଧ୍ୟ ହୋଇଛି କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହି ମେଗା ଜଳ ପ୍ରକଳ୍ପଟି ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇ ପାରିନାହିଁ। ବିଭିନ୍ନ ସ୍ଥାନରେ ଓଭରହେଡ ଟାଙ୍କି ଓ ସବଷ୍ଟେସନ ନିର୍ମାଣ ସରିଛି। ବିଭିନ୍ନ ପଞ୍ଚାୟତରେ ଥିବା ଗ୍ରାମ ଗୁଡିକରେ ପ୍ରତ୍ୟେକ ଘରକୁ ଘର ମଧ୍ୟ ପାଇପ ଓ ଷ୍ଟାଣ୍ଡପୋଷ୍ଟ ଖଞ୍ଜା ମଧ୍ୟ ସରି ଥିଲେ ମଧ୍ୟ ବିଭିନ୍ନ ଗ୍ରାମ ଗୁଡିକରେ ଆଜି ପର୍ଯ୍ୟନ୍ତ ପାଇପ କିମ୍ବା ଟ୍ୟାପ ଖଞ୍ଜା ଯାଇ ନାହିଁ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ୨୦୨୫ ମସିହା ଜାନୁୟାରୀ ମାସ ସୁଦ୍ଧା ବିଶୁଦ୍ଧ ପିଇବା ପାଣି ପ୍ରତ୍ୟେକ ଗ୍ରାମ ଓ ପ୍ରତ୍ୟେକ ଘରକୁ ପାଇପ ମାଧ୍ୟମରେ ବିଶୁଦ୍ଧ ପିଇବା ପାଣି ଯୋଗାଇବାର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପାଇପ ମାଧ୍ୟମରେ ପାଣି ମଧ୍ୟ ଛଡ଼ା ଗଲା କିନ୍ତୁ ଠିକାଦାର ପାଣି ପାଇପ, ଯନ୍ତ୍ରାଂଶ ଓ ସରଞ୍ଜାମ ଗୁଡିକ ଏତେ ନିମ୍ନ ମାନର ଖଞ୍ଜିଛନ୍ତି ଯାହା ଫଳରେ ପାଣି ଛାଡ଼ିବା କ୍ଷଣି ବିଭିନ୍ନ ସ୍ଥାନରେ ପାଇପ ଫାଟି ଯାଉଥିବାବେଳେ ପାଣି ଟିକକ ମିଳିବା ସାତ ସପନ ହୋଇ ପଡିଛି। ଏହାପରେ ମଧ୍ୟ ରକ୍ଷଣାବେକ୍ଷଣର ଅଭାବ ଯୋଗୁଁ ବିଭିନ୍ନ ସ୍ଥାନରେ ଖଞ୍ଜା ଯାଇଥିବା ସରଞ୍ଜାମ ଗୁଡିକ ଭାଙ୍ଗି ରୁଜି ଗଲାଣି। ତେଣୁ ଏହି ମେଗା ଜଳ ପ୍ରକଳ୍ପଟି ଜଳଯୋଗାଣରେ ଫେଲ ମାରିଥିବା ଅଭିଯୋଗ ହୋଇଛି। ବହୁ ଗ୍ରାମକୁ ପାଇପ ମାଧ୍ୟମରେ ପାଣି ଯାଉଥିବାବେଳେ ସଠିକ ଭାବେ ଠିକାଦାର କାମ କରିନଥିବାରୁ କେତେବେଳେ କଉ ସାହିକୁ ପାଣି ଯାଉଛି ତ କେତେବେଳେ କଉ ସାହିରେ ପାଣି ବନ୍ଦ ରହୁଛି।ସଦରବ୍ଲକ ଗୋବର୍ଦ୍ଧନ, ଶଙ୍କରୀ, ହାଣ୍ଡିଭଙ୍ଗା, କାଉଁରିକଳା ରାଇକଳା ଆଦି ପଞ୍ଚାୟତକୁ ୨/୩ ଦିନରେ ଥରେ ପାଣି ଛଡା ଯାଉଥିବାବେଳେ ବହୁ ସମୟରେ ପାଣି ଛଡା ଯାଉନାହିଁ। ଚମ୍ପୁଆ, ଝୁମ୍ପୁରା, ଯୋଡ଼ା ଓ ସଦରବ୍ଲକରେ ଥିବା ବହୁ ପଞ୍ଚାୟତ ଗୁଡିକୁ ଆଜି ପର୍ଯ୍ୟନ୍ତ ପାଇପ ସଂଯୋଗ ହୋଇ ନାହିଁ। ଠିକାଦାର ଦ୍ୱାରା ୫ ବର୍ଷ ଗ୍ୟାରେଣ୍ଟି ରହିଥିବାବେଳେ ଦୀର୍ଘ ୭ ବର୍ଷ ହେବାକୁ ବସିଲାଣି ଠିକାଦାର ଛୁ ମାରିବ ନାହିଁ ତ ବୋଲି ଗ୍ରାମବାସୀ ମାନେ ଆଶା ଓ ଆଶଙ୍କାରେ ରହିଛନ୍ତି। ଗ୍ରୀଷ୍ମ ପ୍ରଭାବ ଜାରି ରହିଥିବାବେଳେ ଲୋକେ ଗରମ ଗୁଳି ଗୁଳିରେ ଅସ୍ତବ୍ୟସ୍ତ ହୋଇ ପଡିଛନ୍ତି। ଗ୍ରୀଷ୍ମ ପ୍ରଭାବରେ କୁଅ, ବନ୍ଧ ପୋଖରୀର ପାଣି ଶୁଖି ଗଲାଣି।ପାଣି ଟିକକ ପାଇଁ ଲୋକେ ଡହଳ ବିକଳ ହେଉଛନ୍ତି। ଗ୍ରାମରୁ ସହର ସବୁଆଡେ ଜଳ କଷ୍ଟ ଦେଖା ଯାଇଛି। ପାଣି ପାଇଁ ଚାରିଆଡେ ହାହାକାର। ଜିଲ୍ଲାପାଳ ଏହି ମେଗା ଜଳ ପ୍ରକଳ୍ପଟି ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହିତ ଅଧୁରା ରହିଥିବା କାର୍ଯ୍ୟକୁ ଯୁଦ୍ଧ କାଳୀନ ଭିତ୍ତିରେ ସାରିବା ଓ ପାଣିକୁ ସକାଳେ ଓ ସଂଧ୍ୟାରେ ଛାଡିବାର ବ୍ୟବସ୍ଥା କରିବା ଏବଂ ଅସାଧୁ ଠିକାଦାର ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଯୁବ ଓ ଶ୍ରମ ବିକାଶ ମଞ୍ଚ କେନ୍ଦୁଝରଗଡ ସଭାପତି ରଞ୍ଜନ କୁମାର ବେହେରା, ସାଧାରଣ ସମ୍ପାଦକ ଶୈଳବାଳା ପରିଡ଼ା,ପୁଷ୍ପାଞ୍ଜଳି ବେହେରା, ରଞ୍ଜିତା ବେହେରା, ତୁଳସୀ ପାତ୍ର, ସରୋଜ କୁମାର ସାହୁ, ବିପିନ ବିହାରୀ ମିଶ୍ର, ପ୍ରେମା ସିଂ ପ୍ରମୁଖ ନିବେଦନ କରିଛନ୍ତି।

## ପାନୀୟ ଜଳ ପାଇଁ ହନ୍ତସନ୍ତ ଗ୍ରାମବାସୀ, ଗାଁ ରାସ୍ତାରେ ଗରା ବାଲ୍‌ଟି ରଖି ପ୍ରତିବାଦ



ମହାକାଳପଡ଼ା (ଭିଓଭି): ରାଜ୍ୟରେ ଗ୍ରୀଷ୍ମ ପ୍ରଭାବ ଜାରି ରହିଛି। ଅସହ୍ୟ ତାତିପ୍ରବାହିତ ହେଉଛି। ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି ଗ୍ରାମବାସୀ, ଗାଁ ମୁଣ୍ଡରେ ନିର୍ମାଣ ହୋଇଛି ଓଭର ହେଡ ପାଣି ଟାଙ୍କି ଗାଁରେ ପାଣି ପାଇପ୍ ଲାଇନ୍ ଯାଇଛି। ଗାଁ ଦାଣ୍ଡରେ ପାଣି ଟ୍ୟାପ ନିର୍ମାଣ ହୋଇଛି । କିନ୍ତୁ ଅଚଳ ହୋଇପଡିରହିଛି । ନଳକୂପରୁ ଲୁଣା ପାଣି ବାହୁରିଛି ତାହା ବ୍ୟବହାର ଯୋଗ୍ୟ ନୁହେଁ। ପାଣି ଟୋପେ ପାଇଁ ମହିଳାମାନେ ଗରା ବାଲଟି ଧରି ଦୂର ସ୍ଥାନକୁ ଯିବାକୁ ପଡୁଛି। ବାଧ୍ୟ ହୋଇ ଦୂଷିତ ନଦୀ ପାଣି ବ୍ୟବହାର କରୁଛନ୍ତି ଗ୍ରାମବାସୀ। ଦିନେ କି ଦୁଇ ଦିନ ନୁହେଁ ଦୀର୍ଘ ଦିନ ହେବ ଜଳ ସମସ୍ୟା ଲାଗିରହିଛି । ପ୍ରଶାସନକୁ ଅଭିଯୋଗ କରି ନୟାନ୍ତ ହେଲେଣି ଗ୍ରାମବାସୀ। ସମସ୍ୟା ସମାଧାନ ହେଉନଥିବା ଅଭିଯୋଗ କରିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ମହାକାକପଡା ବ୍ଲକ ବଡ଼ କୁଳ ପଂଚାୟତ ର ଆଇତି ପୁର ଓ କରମକୁଳ ଗ୍ରାମବାସୀ। ଦୁଇଟି ଗ୍ରାମର ତିନିଶହରୁ ଉର୍ଦ୍ଧ ପରିବାର ଉତ୍କଟ ଜଳ ସଙ୍କଟ ସମସ୍ୟା ଦେଖିବାକୁ ମିଳିଛି। ଗାଁକୁ ବଣ୍ଟନ ପାଇଁ ଯାଉଥିବା ପାଣି ଗାଡି ତାହା ସମୁଦ୍ରକୁ ଶଙ୍ଖେ ଭଳି। ପାଣି ଗାଡ଼ିକୁ ଅଟକାଇ ରାସ୍ତା ଉପରେ ଏକାଠି ହୋଇ ପ୍ରତିବାଦ କରିଛନ୍ତି ଗ୍ରାମବାସୀ। ତୁରନ୍ତ ଜଳ ସମସ୍ୟା ଦୂର କରିବା ସହିତ ସ୍ଥାୟୀ ସମାଧାନ କରିବା ପାଇଁ ଦାବୀ କରିଛନ୍ତି।

## ଲାଞ୍ଜିଗଡ ସହରର ମୁଖ୍ୟ ରାସ୍ତା ସମ୍ପ୍ରସାରଣ ଆଉ କେବେ ହେବ

କଳାହାଣ୍ଡି (ଭିଓଭି): ଲାଞ୍ଜିଗଡ ବ୍ଲକ ୧୯୬୨ ମସିହାରେ ପ୍ରତିଷ୍ଠା ହୋଇଥିଲା। ଲାଞ୍ଜିଗଡ ବ୍ଲକ ପ୍ରତିଷ୍ଠା ନ ହେବା ପୂର୍ବରୁ ଲାଞ୍ଜିଗଡ ଗୋଟିଏ ଗଡଯାତ ଅଞ୍ଚଳ ରୂପେ ପରିଚିତ ଥିଲା ଏହି ଲାଞ୍ଜିଗଡ ବ୍ଲକରେ ରଜାଙ୍କ ଶୁ ସାଶନ ଚାଲୁଥିଲା । ସେହି ସମୟରୁ ଲାଞ୍ଜିଗଡ ପଞ୍ଚାୟତରେ ଯେଉଁ ମୁଖ୍ୟ ରାସ୍ତା ଥିଲା ଆଜି ମଧ୍ୟ ସେହି ଅଣ ଓସାରିଆ ରାସ୍ତା ଅଛି କିନ୍ତୁ ସେହି ରାସ୍ତା ଆଜି ପର୍ଯ୍ୟନ୍ତ ସମ୍ପ୍ରସାରଣ ହୋଇପାରିଲା ନାହିଁ । ଏହାକୁ ନେଇ ଲାଞ୍ଜିଗଡ ପଞ୍ଚାୟତରେ ଜନସାଧାରଣଙ୍କ ମନରେ ଅଶୋନ୍ତଷ୍ଟ ଉଠିଛି ଲାଞ୍ଜିଗଡ ଦେଇ ପୋଖରୀବନ୍ଧ ଛକ ବା ୦୬ ନମ୍ବର ରାଜ୍ୟ ରାଜପଥ ଠାରୁ ବିଜେପୁର ସଂଯୋଗ କରୁଥିବା ରାସ୍ତା ଠିକାଦାର ଓ ସରକାରୀ ବାବୁ ଙ୍କ ମଧ୍ୟରେ ମଧୁଚନ୍ଦ୍ରିକାରେ ରାସ୍ତା କାମ ଚାଲିଛି। କିନ୍ତୁ ଲାଞ୍ଜିଗଡ ସହରର ପ୍ରାୟ ଦୁଇଶାହରୁ ତିନିଶହ ମିଟର ରାସ୍ତା କାମ ସମ୍ପୂର୍ଣ୍ଣ ନ କରି କାମ ଅଧାରେ ରଖି ଛାଡି ଆଘକୁ ବା ବିଜେପୁର ପଟକୁ ଠିକାଦାର ଯାଇ କାମ ଆରମ୍ଭ କରିଛନ୍ତି। ତେଣୁକର ଲାଞ୍ଜିଗଡ ପଞ୍ଚାୟତର ଜନସାଧାରଣ ଚଳିତ ବର୍ଷ ୧୮/୦୨/୨୦୨୫ ତାରିଖ ଦିନ କଳାହାଣ୍ଡି ଜିଲ୍ଲାପାଳଙ୍କୁ ଭେଟି ଲାଞ୍ଜିଗଡର ମୁଖ୍ୟ ରାସ୍ତାକୁ ଯଥା ଶୀଘ୍ର ସମ୍ପ୍ରସାରଣ କରାଯାଉ ନ ହେଲେ ଚଳିତ ବର୍ଷ ରଥଯାତ୍ରାରେ ବୋହୁ ଜନସାଧାରଣଙ୍କ କ୍ଷୟ କ୍ଷତି ହେବ। ଲାଞ୍ଜିଗଡ ଅଞ୍ଚଳ ବେଦାନ୍ତ କମ୍ପାନୀ ଥିବା ହେତୁ ବୋହୁ ବଡ଼ଗାଡି ଓ ସାନଗାଡି ସମାଗମ ପାଇଁ ରାସ୍ତା ଅଣ ଓସାରିଆ ଥିବା ହେତୁ ବାରମ୍ବାର ଲାଞ୍ଜିଗଡ ସହରର ମୁଖ୍ୟ ରାସ୍ତା ଉପରେ ଦୃଘଟଣା ମାନ ଘଟୁଅଛି ବୋଲି ଲିଖିତ ଆକାରରେ କଳାହାଣ୍ଡି ଜିଲ୍ଲାପାଳଙ୍କୁ ଜଣଓଥିଲେ । କିନ୍ତୁ ଆଜକୁ ଦୁଇମାସ ବିତିଗଲାଣି ପଛେ ଜିଲ୍ଲାପାଳଙ୍କ ଲାଞ୍ଜିଗଡ ମୁଖ୍ୟ ରାସ୍ତା ପ୍ରତି ଟିକେ ହେଲେ ଧ୍ୟାନ ନାହିଁ। ତେଣୁକରି ଲାଞ୍ଜିଗଡ ଜନସାଧାରଣ ଆମ ଆଘରେ ପରି ପ୍ରକଶ କରିଛନ୍ତି ଯେ ଚଳିତ ବର୍ଷ ରଥଯାତ୍ରା ପୂର୍ବରୁ ଲାଞ୍ଜିଗଡ ସହରର ମୁଖ୍ୟ ରାସ୍ତା ସମ୍ପୂର୍ଣ୍ଣ ଯଦି ନ ହୁଏ ତେବେହେଲେ ଅତୀତରେ ଆମ ଲାଞ୍ଜିଗଡ ବାସିନ୍ଦା ସମସ୍ତେ ଯାଇ କଳାହାଣ୍ଡି ଜିଲ୍ଲା ଭୋବାନୀପାଟଣା ଠାରୁ ରାୟଗଡା ଜିଲ୍ଲା ଯାଇଥିବା ୦୬ ନମ୍ବର ରାଜ୍ୟ ରାଜପଥ ମୁଖ୍ୟ ରାସ୍ତାକୁ ପୋଖରୀବନ୍ଧ ଠାରେ ଅବରୋଧ କରିବୁ ବୋଲି ଆମ ଜରିଆରେ ଦାବୀ ରଖିଛନ୍ତି।




# ତୁତୁ ମେରେ ଚାରିକାନ୍ଥ ମଧ୍ୟରେ ସୀମିତି ଶିଶୁ ଉଦ୍ୟାନ

ବୌଦ୍ଧ, (ଭିଓଭି): ବୌଦ୍ଧ ଜିଲ୍ଲାର ଦ୍ୱିତୀୟ ଅବହେଳିତ ନାମକରା ସହର ହେଉଛି କଣ୍ଟାମାଳ । ପୂର୍ବେ କଣ୍ଟାମାଳର ସର୍ବତ୍ର ଲଟି ବରକୋଳି ଗଛ ଥିବାରୁ କଣ୍ଟାର ମାଳ କଣ୍ଟାମାଳ କୁହା ଯାଉଥିଲା କିନ୍ତୁ ଏବେ ସେହି କଣ୍ଟାମାଳ ଏବେ ନାହିଁ ଟଙ୍କାର ମାଳ ହୋଇଯାଇଛି ଯେଉଁ ଅଫିସର ବାହାରୁ ଆସିବେ ଏହି ସ୍ଥାନରୁ ବଦଳି ହୋଇ ଯିବାକୁ ହୁଏ ନାହିଁ ମନ । ଆଉ ୩ବର୍ଷଧରି ଅଫିସର ରହିଗଲେ କଳା ମୁନାରେ ଟଙ୍କା ଭର୍ତ୍ତି ବ୍ୟାଗ ଧରି ଯାଆନ୍ତି। ସେହି ଟଙ୍କା ମାଳରେ ପୂର୍ବତନ ଜିଲ୍ଲାପାଳ ଶ୍ରୀଯୁକ୍ତ ଲଲା ତେନ୍ଦୁ ମିଶ୍ର ସାର ବୌଦ୍ଧ ଜିଲ୍ଲାର ବିଭିନ୍ନ ସ୍ଥାନକୁ ପର୍ଯ୍ୟଟନ ସ୍ଥାନରେ ମାନ୍ୟତା ଦେଇଥିବାବେଳେ



କଣ୍ଟାମାଳ ବ୍ଲକ ଖାଲିଆପାଲି ଗ୍ରାପର ଖଲିଆପାଲି ବାବା ଡୁଙ୍ଗୁରି ଠାରେ ୨୮/୦୫/୨୦୨୨ ମସିହାରେ କଣ୍ଟାମାଳ ଅଞ୍ଚଳର ଦାବିଟିକୁ ସହୃଦୟର ସହିତ ଗ୍ରହଣ କରି ଏକ ଗ୍ରାମୀଣ ଶିଶୁ ଉଦ୍ୟାନ ସ୍ଥାପନ କରିଥିଲେ ଅଞ୍ଚଳର ବୃଦ୍ଧ ବୃଦ୍ଧା ଶିଶୁ ସ୍କୁଲ କଲେଜର ପିଲାମାନେ କିଛି ସମୟପାଇଁ ଉଦ୍ୟାନକୁ ଯାଇ ମନକୁ ଟିକେ ହାଲୁକା କରି ଆସିବେ। କଣ୍ଟାମାଳର ପୂର୍ବତନ ବିଧାୟକ ତାଙ୍କ ବିଧାୟକ ପାଣ୍ଠିରୁ ୩୦ଲକ୍ଷ ଟଙ୍କା ଅନୁଦାନ ଦେଇଥିବାବେଳେ ମନରେଗା ଯୋଜନାରୁ ୧୫ହଜାର ଟଙ୍କା ଖର୍ଚ୍ଚ ସହିତ ଅନ୍ୟାନ୍ୟ ଯୋଜନା ରୁ ୫୦ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ଏକ ଶିଶୁ ଉଦ୍ୟାନ ହେଲା କିନ୍ତୁ ତାର ୩ରୁ ମାସ ଗଲା ପରେ ବର୍ତ୍ତମାନ ଆଉ ସେହି ଶିଶୁ ଉଦ୍ୟାନ ଆଉ ଖୋଲୁନି ଗେଟରେ ବଡ଼ବଡ଼ ୩ଗୋଟି ତାଲା ଝୁଲିଛି ସିନା ଶିଶୁ ଉଦ୍ୟାନ ଆଉ ଖୋଲିପାରୁ ନାହିଁ ବୋଧେଶିଶୁ ଉଦ୍ୟାନର ତାଲାର ଚାବି କାଳେ ହଜି ଯାଇଛି । ଶିଶୁ ଉଦ୍ୟାନ କେମିତି ଖୋଲିବ ଆଉ ଏଠାକର ଜନସାଧାରଣ ବିଶେଷ ଉପକୃତ ହେବେ ଏଥି ପ୍ରତି ବ୍ଲକ ପ୍ରଶାସନ କି ଜିଲ୍ଲା ପ୍ରଶାସନ ମଧ୍ୟ ମା ଛେଉଣ୍ଡ ପରିବା ଭୁଲି ଯାଇଛି। ଯାହା ଫଳରେ ଶିଶୁ ଉଦ୍ୟାନର ଟଙ୍କା ତାଲା ଖୋଲି ନି। କାହିଁକି କଣ ପାଇଁ କେଉଁ ଉଦ୍ଦେଶ୍ୟ ସ୍ଥାନୀୟ ନେତା କୁଜୀ ନେତା ନେତା ବିଧାୟକ କି ବ୍ଲକ ଅଧିକାରୀ। ଅଧିକାରୀଙ୍କ ଇଛା ଶକ୍ତି ଅଭାବରୁ ହେଉ କିମ୍ବା ଜାଣିକି ନଜାଣିଲା ପରି ରହି ଏଥିପ୍ରତି ମଧ୍ୟ କର୍ଣ୍ଣ ପାତ କରୁ ନାହାଁନ୍ତି ଯାହା ଫଳରେ ଆଗାମୀ ଦିନରେ ଏଠା କାର ଜନସାଧାରଣ ରାଜ ରାସ୍ତାକୁ ଉଲ୍ଲାଇବା ପାଇଁ ବାଧ୍ୟ ହେବେ ଏନେଇ ଚେତବନି ଦେଇଛନ୍ତି।

# War, Peace and Environmental Damage: A Call for Conscious Action



Nihar Ranjan Acharya

In the chronicles of human history, war has been a recurring theme — a manifestation of unresolved conflict, power struggles, and ideological differences. Yet beyond the visible scars it leaves on human lives and civilizations, war silently devastates something more fundamental and fragile: **the environment.**

The Hidden Casualty: Nature in Conflict Zones““Modern warfare is not just about battles between armies; it's a war against nature itself. Forests are burned, rivers are poisoned, wildlife habitats are destroyed, and the very air we breathe is contaminated with the aftermath of bombs, chemicals, and radiation. The 1991 Gulf War, for instance, saw oil wells in Kuwait set ablaze, releasing millions of barrels of crude into the ocean and plumes of smoke into the atmosphere, causing catastrophic environmental consequences.

In war zones, environmental protection takes a backseat. The collapse of governance leads to unchecked exploitation of natural resources, deforestation, overhunting, and pollution. The use of nuclear, chemical, and biological weapons leaves behind toxic legacies that last generations.““The Cost of Peace Built on Environmental Ruin

Ironically, even post-war reconstruction can harm the environment. Rapid industrial rebuilding, increased mining, and urban expansion often proceed without sustainable planning. Peace, when not rooted in ecological awareness, can merely be a pause before the next crisis — one born of scarcity and climate-induced tensions.



War and Climate Change: A Vicious Cycle

Climate change, too, is becoming a catalyst for conflict. As water sources dry up and fertile lands degrade, competition intensifies among communities and nations. The struggle over natural resources — be it oil, water, or arable land — often lies at the heart of both internal and cross-border disputes. In turn, war exacerbates climate change, creating a vicious cycle of destruction.

Towards an Ecology of Peace

True peace is not merely the absence of war; it is the presence of justice, sustainability, and harmony with nature. We must reimagine peace as a state where ecological balance is restored, where forests stand tall as sentinels of hope, and rivers flow clean as symbols of life. Environmental preservation must be central to conflict resolution, peacebuilding, and international diplomacy.

The Way Forward

1. Recognize Ecocide as an international crime — holding perpetrators accountable for large-scale environmental destruction during conflicts.
2. Strengthen environmental protections in international laws of armed conflict.
3. Invest in green reconstruction — post-conflict rebuilding that heals both communities and ecosystems.
4. Educate for peace and sustainability, empowering future generations to choose dialogue over destruction.

Conclusion:

In the dance between war and peace, the environment is often the silent spectator and victim. If we are to dream of a better tomorrow, we must acknowledge this invisible cost of conflict and work toward a peace that embraces the Earth itself. Only then can we hope to build a world that is not just peaceful — but also livable.

***Founder and Working Director, Trust***
***Ph. 8249775817***
*Email: niharacharya1973@gmail.com*



# CYBERCRIME : THE DARK SIDE OF SOCIAL MEDIA



**Pritiprangya Dash**
E-mail: dashpritiprangya85@gmail.com
BBA,LL.B (1st yr.)
Centurion University
Mob- 9937886641

In today's era, social media is everywhere. Social media are online platforms where people can connect with each other, share information, and communicate with each other. These platforms allow users to create profile, post contents, interact with other users, and build online communities. Common examples are Instagram, Facebook etc. As the real world has dark and dangerous elements, social media also has a dark side. The main example of the dark side of the social media is CYBERCRIME. Cybercrime is a criminal activity that either targets or uses a computer or a networked device. Most cybercrime is committed by cybercriminals or hackers who want to make money. Some examples of cybercrimes are hacking, phishing, online fraud, trafficking in child pornography and intellectual property, stealing identities or violating privacy. Cybercrime has a widespread impact on society, affecting individuals, businesses, and even governments. This leads to financial loss, mental stress, reputation damage etc. People are losing money from online scams, fake websites, and many other scams. Many hackers are illegally stealing people's personal photos and information also steal security number or medical records and sell it on the web and blackmailing them, which gradually increases people's mental stress. A well -known case is the Facebook-Cambridge Analytic scandal. The data of millions of users was misused for the purpose of politics. Cybercrime affects people of all age groups and genders. In September 2024, a woman from Gurugram was duped of $1.46 lakh by a man she met on Instagram. The fraudsters pretended to be customs officials and convinced her to make a forced payment to receive a gift sent from abroad. There is also a recent case in march 2025, and elderly couple in Karnataka committed suicide after losing $50 lakh in a 'digital arrest' scam. The fraudsters tricked them into believing they were involved in a crime and forced them to send money to avoid arrest. Cybercrime also impact children mentally and physically. In July 2024, an Indian man was caught harassing a young woman in Australia by Instagram and WhatsApp. He started talking to her in 2020 when she was just 11 years old. He sent her inappropriate messages and photos and blackmailing her for years. Because of this, the girl was mentally unstable and depressed. Cybercrime also impacts business. They Face financial losses, reputational damage. In February 2025, angel one, a major Indian stock brokerage, suffered a security breach. Hackers accessed a part of their system that used amazon's cloud service. Scammers are sending different kinds of scanners on WhatsApp and say that if you scan the QR code then we will receive money. But this is fake. Instead,Theyare getting money from you. Don't trust anyone who says, 'scan to get money'. This is a scam! They also send fake message like bank notice, court notices, and job offers and ask for your personal details. Don't share your personal information or any kind of OTP. There is an Advance technology scam called as Steganography. In this scam, scammers hide secret codes in pictures, files , videos etc. If you open the file then the secret code is activated and steal information from your device. Be careful while downloading or opening those files. If you have any doubt then you can scan them with antivirus software. In all this, we have to know that cyber security is very important for us.We should take steps for that. First of all we need to use strong, unique password and use different password for each account and turn on multi-factor authentication where possible to add an extra layer of security. Always keep devices updated . Don't open any email , links or attachments from any sources which is unknown for you . Use a strong VPN while you are using public Wi-Fi. Always back-up your important files and data and keep them securely. Keep your privacy data privately and be careful for the information which you share in social media. Before giving any person personal information and money transfers verify it carefully.If you are facing any problem of cyber criminal activities then you can report cybercrime.gov.in.And know about the cybercrime threats and try to share information to your family, colleagues and others. There are also various types of laws and punishments for cybercrime. In India, cybercrime laws are primarily written within the Information Technology Act, 2000 (IT Act).There are some important section of IT act includes Cybercrime like Section 66 (Hacking), Section 66C (Identity Theft), Section 66D (Online Impersonation), and Section 67 (Sharing of Obscene Material). Section 67B ( Offences involving children, child pornography).There are also punishments for this. If someone hacks or steals data, then he will have to pay 3 years in prison And a fine of up to 5 lakhs. If someone steals someone's identity, then he will have to pay 3 years in prison and a fine of up to 1 lakhs. If someone posts bad things on social media, then he will have to pay 3 years in prison and 5 lakhs for the first time, and if he tries to do it again, then he will have to pay 5 years in prison and 10 lakhs. Cyber terrorism can be punished with life imprisonment.Cyberstalking , online threats and defamation cybercrimes are punished under Indian penal code (IPC) . In the current era, cybercrime is increasing to such an extent that we will have to face many problems in the future.Many people don't know they are being targeted until they are faced.We have to take action for it ourselves.First, people need to know how to protect themselves.The government also needs to be alert about this. Strict laws should be enacted, and immediate police action should be taken.Children should be taught about cybercrime in schools and colleges and should be informed about the importance of cybersecurity. Everyone should use social media properly. No harmful information should be posted and social media should be used responsibly.The victims who are affected by this should be encouraged to speak the real truth and their problems.To make the future a happy one, we should take steps from now and spread awareness.Finally, I would like to say that, "We all want to change society, but cybercriminals are also a part of this society. They know what is right and what is wrong, yet they choose not to change their behaviour. If we really want to change, we can". It is always better to use our skills for good, not to harm others. Stay safe!

# ହାଇକୋର୍ଟରେ ପାଠାଗାର ଅଧିନିୟମ କାର୍ଯ୍ୟକାରୀ ପ୍ରସଙ୍ଗ ଜବାବ ଦାଖଲ ପାଇଁ ସମୟ ଲୋଡ଼ିଲେ ରାଜ୍ୟ ସରକାର

କଟକ (ଭିଓଭି): ଓଡ଼ିଶା ସାର୍ବଜନୀନ ପାଠାଗାର ଅଧିନିୟମ, ୨୦୦୧ ଓ ଏ ସମ୍ପର୍କିତ ନିୟମାବଳୀ କାର୍ଯ୍ୟକାରୀ ପ୍ରସଙ୍ଗ ନେଇ ଦାଏର ଜନସ୍ୱାର୍ଥ ମାମଲାରେ ଜବାବ ରଖିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଅଧିକ ସମୟ ଲୋଡ଼ା ଯାଇଛି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ମାମଲାର ଶୁଣାଣି ସମୟରେ ଏପ୍ରିଲ ୫ର ନିର୍ଦ୍ଦେଶ ପାଳନ କରି ଜବାବ ଦାଖଲ କରିବାକୁ ରାଜ୍ୟ ସରକାରଙ୍କ ତରଫରୁ ଅଧିକ ସମୟ ପ୍ରଦାନ ପାଇଁ ନିବେଦନ କରାଯାଇଥିଲା। ପରବର୍ତ୍ତୀ ଶୁଣାଣି ପୂର୍ବରୁ



ମାମଲାରେ ଜବାବ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ପକ୍ଷରୁ ଦାୟର ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଜୁନ୍ ୧୮କୁ ମାମଲାର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରାଯାଇଛି। ଓଡ଼ିଶା ସାର୍ବଜନୀନ ପାଠାଗାର ଅଧିନିୟମ, ୨୦୦୧ ପ୍ରଣିତ ହେବାର ବହୁବର୍ଷ ପରେ ଓଡ଼ିଶା ସାର୍ବଜନୀନ ପାଠାଗାର ନିୟମାବଳୀ, ୨୦୧୬ ପ୍ରଣୟନ ହୋଇଥିଲା। ୨୦୨୩ ଅକ୍ଟୋବର ମାସରେ ଓଡ଼ିଶା ପାଠାଗାର ନିର୍ଦ୍ଦେଶକ ନିଯୁକ୍ତି ପାଇଁ ସରକାର ପଦକ୍ଷେପ ନେଲେ। କିନ୍ତୁ ଅଧିନିୟମର ଅନ୍ୟ ବ୍ୟବସ୍ଥା ଗୁଡ଼ିକ କାର୍ଯ୍ୟକାରୀ କରିବାରେ ଅବହେଳା କରାଯାଇଛି ବୋଲି ଦର୍ଶାଇ ଏହି ଜନସ୍ୱାର୍ଥ ମାମଲା ଦାଏର କରାଯାଇଛି। ଏପ୍ରିଲ ୫ରେ ହାଇକୋର୍ଟ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ।


## TARIFF

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |

## CONTACT

6371417361 voiceofvictimsnews@gmail.com
www.voiceofvictims.co.in
Follow/Like/Subscribe :
Voice Of Victims News


Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006
**Editor: Gyana Ranjan Mishra** ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର